# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ପାପଡ଼ାହାଣ୍ଡି,୧୪।୨(ସମିସ):** ପାପଡ଼ାହାଣ୍ଡି ବ୍ଲକ୍ ପଣ୍ଡିକୋଟ ପଞ୍ଚାୟତ ସଦର ଗ୍ରାମଠାରେ ବୁଧବାର ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ବାବୁଲା ଭତରା, ବିଡିଓ କପିଳଦେବ ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ ପଟ୍ଟନାୟକ, ବିପିସି ଶଶିକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ସରପଞ୍ଚ ବାବୁଲା ଭତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରୁ ପାଖାପାଖି ୨ ହଜାର ଲୋକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ ଯୋଜନା ସବୁ ଉପସ୍ଥିତ ଲୋକଙ୍କୁ ଅତିଥିମାନେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ଝୋଟ ବ୍ୟାଗ ପିଡିଏସ୍ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



**ନନ୍ଦପୁର :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଦୁଇଟି ଗ୍ରାମ ପଞ୍ଚାୟତ ହିକିମପୁଟ ଓ ମାଳିବେଲ ଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନସ୍ଥ ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ବିଭିନ୍ନ ଯୋଜନା ଲୋକଲୋଚନକୁ ଆଣିବା ସହ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତସ୍ତରରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଉପରେ ସଚେତନ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ସଚେତନ କରିବା ସହ ଓଡ଼ିଶାରେ ନବୀନ ହେ ତ ସବ୍ ମୁମକିନ୍ ହେ ବୋଲି କହିଛନ୍ତି ଚନ୍ଦ୍ରମା ଦିଶାରି, ହିକିମିପୁଟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡମ୍ବରୁ ପାଙ୍ଗି, ମାଳିବେଲଗାଁ ସୁବାସ ଚନ୍ଦ୍ର ପଣ୍ଡା, ଗ୍ରାମ ପଞ୍ଚାୟତର ସମସ୍ତ ସିଆରପି, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣ ଯୋଗଦେଇଥିଲେ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ସେମିଳିଗୁଡ଼ା ବ୍ଲକର ରାଜପାଲମାଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୋନାଲ ମହିଳା ସଭାନେତ୍ରୀ ଲତା ରାୟ



ପଟ୍ଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି। ଏହି କାର୍ଯ୍ୟକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା କୋରାପୁଟ ଉପଖଣ୍ଡ ସଂଯୋଜିକା ଲତା ରାୟ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଅନନ୍ତରାମ ମାଟାମ, ଭଗବାନ ପେଟିଆ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିପିଓ ବେଦାନ୍ତ କୁମାର ମାଝୀ, ଏଇଇ ଯଶକେତନ ବେହେରା, ବିଜେଡି ବରିଷ୍ଠ ନେତା କାର୍ତ୍ତିକ ଖେମୁଣ୍ଡୁ, ମହିଳା ସଭାନେତ୍ରୀ କୁନି ପାଲି, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରୀ, ଯୁବ ନେତା ସେକ୍ ନୂର, ହିକିମପୁଟ ଗ୍ରାମ ପଞ୍ଚାୟତ ସରପଞ୍ଚ ଯମୁନା ବଡ଼ନାୟକ, ଜିଆର୍ଏସ୍ ଯୋଗଦେଇ ବିଜୁ ଜନତା ଦଳର ଉନ୍ନୟନ କାର୍ଯ୍ୟ, ରାଜ୍ୟର ଉନ୍ନତି ଦିଗରେ ଅଭିଭାଷଣ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ସୁନାବେଡ଼ା ବ୍ଲକ୍ ସଭାପତି ରାମ ଅଣ୍ଟାବିରିଆ, ସିଡିପିଓ ବିନୋଦିନୀ ବେହେରା, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ପାଢ଼ୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବିଜେଡି ନେତା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଶେଷରେ ସାଂସ୍କୃତିକ ନୃତ୍ୟ ପରିବେଷିତ ହୋଇଥିଲା।

## ହତ୍ୟା ଓ ଲୁଟ୍‌ରେ ସାମିଲ ମାଓବାଦୀ ଗିରଫ



**ମାଲକାନଗିରି,୧୪।୨(ସମିସ):**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା ପୁଲିସ ହତ୍ୟା ଓ ଲୁଟରେ ସାମିଲ ଥିବା ଜଣେ ମାଓବାଦୀଙ୍କୁ ବୁଧବାର ଗିରଫ କରିଛନ୍ତି। ସୂଚନାନୁଯାୟୀ, ଛତିଶଗଡ଼ ପୁଲିସ ଦ୍ୱାରା ଚାଲୁଥିବା ମାଓନିର୍ମୂଳ ଅଭିଯାନରେ ସୁକୁମା ଜିଲ୍ଲା ପୋଲମପଲ୍ଲୀ ମାଓବାଦୀ ଏଲ୍ଓସି. ସଦସ୍ୟମାନଙ୍କ ଅରଲମପଲ୍ଲୀ ଓ ପାଲାମଡ଼ଗୁ ଗ୍ରାମ ମଧ୍ୟ ଜଙ୍ଗଲରେ ବୈଠକ ହେଉଥିବା କୌଣସି ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଫଳରେ ଦୋର୍ନାପାଲ ଥାନା ଓ ପୋଲମପଲ୍ଲୀ ଥାନା ପୁଲିସ ମିଳିତ ଭାବେ ମାଓବାଦୀଙ୍କୁ ଘେରାବନ୍ଦି କରି ଧରିବା ପାଇଁ ଅରଲମପଲ୍ଲୀ ଓ ପାଲାମଡ଼ଗୁ ଜଙ୍ଗଲ ଅଭିମୁଖେ ବାହାରିଥିଲେ। ଉକ୍ତ ଅଞ୍ଚଳରେ ପହଞ୍ଚି ସର୍ଚ୍ଚ ଅପରେସନ କରୁଥିବା ସମୟରେ ପୁଲିସକୁ ଦେଖି ମାଓବବାଦୀମାନେ ସେଠାରୁ ଫେରାର ହେବାରେ ଲାଗିଥିଲେ। ପରେ ପୁଲିସ ଦଳ ତାଙ୍କୁ ଧରିବା ପାଇଁ କଳେବଳେ କୌଶଳରେ ଚେଷ୍ଟା କରିବା ସମୟରେ ଜଣେ ମାଓବାଦୀକୁ ଗିରଫ କରିଥିଲେ। ମାଓବାଦୀ ଜଣକ ପାଲାମଡ଼ଗୁ ଗ୍ରାମର ମଡ଼କମ ମାଡ଼ା। ସେ ଜନତାନା ସରକାର ଉପାଧ୍ୟକ୍ଷ ଭାବେ ଥିଲା। ତେବେ ଗିରଫ ମାଓବାଦୀଙ୍କ ରେକର୍ଡ ଯାଞ୍ଚ କରିବା ପରେ ଦୋର୍ନାପାଲ ଥାନା ଏହଙ୍ ପୋଲମପଲ୍ଲୀ ଥାନା ମଧ୍ୟରେ ମୋଟ ୭ଟି ଲୁଟ ଓ ହତ୍ୟା ଭଳି ସଙ୍ଗୀନ ମାମଲା ପଞ୍ଜିକୃତ ହୋଇଛି। ମୁଖ୍ୟତଃ ୨୦୨୧ ମସିହାରେ ଫେଟା ଗ୍ରାମରେ ଜଣଙ୍କ ଘରେ ପସି ବେଟୀ ଭିମା ନାମକ ବ୍ୟକ୍ତିଙ୍କୁ ହତ୍ୟା, ଗେରଗୁଣ୍ଡା ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ସୁପରଭାଇଜରକୁ ମାରପିଟ କରିବା ଭଳି ଅଭିଯୋଗ ତାଙ୍କ ଉପରେ ଅଛି। ଆଜି ଉକ୍ତ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସୀମାନ୍ତରେ ୩ କିଲୋ ପ୍ରେସ୍‌ର ବୋମା ନିଷ୍କ୍ରିୟ



**ମାଲକାନଗିରି,୧୪।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲା ପୋଟାଲୀ ବଜାର ନିକଟରୁ ମାଓବାଦୀମାନେ ଯବାନମାନଙ୍କୁ ଟାର୍ଗେଟ କରି ତିନିକିଲୋର ଏକ ପ୍ରେସର ବୋମା ଲଗାଇଥିଲେ। କୌଣସି ବିଶିଷ୍ଟ ସୂତ୍ରରୁ ଖବର ପାଇ ସିଆରପିଏଫ୍, ବିଡିଏସ ଓ ସିଏଏଫ୍ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବୋମାକୁ ଉଦ୍ଧାର କରିବା ସହ ତାହାକୁ ନିଷ୍କ୍ରିୟ କରିଛନ୍ତି। ତଥ୍ୟ ମୁତାବକ ଦନ୍ତେୱାଡ଼ା ଜିଲ୍ଲା ମାଓ ପ୍ରବଣ ଅଞ୍ଚଳ ପୋଟାଲୀ ଗ୍ରାମରେ ପ୍ରତି ବୁଧବାର ସାପ୍ତାହିକ ହାଟ ଅନୁଷ୍ଠିତ ହେବା ସହ ଏଠାକୁ ବହୁ ଜନସାଧାରଣ ଆସୁଛନ୍ତି। ତେବେ ପୂର୍ବରୁ ଯବାନମାନଙ୍କୁ ଖବର ମିଳିବା ପରେ ଉକ୍ତ ସ୍ଥାନରୁ ପ୍ରେସର ବୋମାକୁ ନିଷ୍କ୍ରିୟ କରିବା ସହ ଏକ ବଡ଼ଧରଣର ବିପଦରୁ ରକ୍ଷା ମିଳିଛି।

## ହେଲ୍ପ ଲାଇନ୍ ପକ୍ଷରୁ ମହିଳା ବ୍ୟାଡ୍‌ମିଣ୍ଟନର ଶୁଭାରମ୍ଭ

**ଉମରକୋଟ,୧୪।୨(ସମିସ):**



ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହିଳା କ୍ରୀଡ଼ାବିତଙ୍କୁ ବିଶ୍ୱ କ୍ରୀଡ଼ା ଦରବାରରେ ପରିଚିତ କରିବା ଉଦ୍ଦେଶ୍ୟରେ ମହିଳା ବ୍ୟାଡମିଣ୍ଟନ କ୍ରୀଡ଼ାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ତଥା ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେକ୍ କାଟି ମହିଳା କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାର କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ଆଣିବାପାଇଁ ଜିଲ୍ଲାମାନଙ୍କରେ କ୍ରୀଡ଼ା ସଂଘମାନ ଗଠନ କରିଛନ୍ତି। ଯେଉଁଥିରେ ଜିଲ୍ଲାରେ ଜିଲ୍ଲାପାଳ ସଭାପତି ରହିଛନ୍ତି। ସେହିପରି ମହିଳାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରି ମହିଳା କ୍ରୀଡ଼ାର ବିକାଶ ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନର ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରୀଡ଼ା ସଂଯୋଜକ ସଲିମ ରାଠୋର, ବରିଷ୍ଠ ସଭ୍ୟା କୁସୁମ ନାୟକ, ସାଇକୃତି ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା କ୍ରୀଡ଼ା ପାଇଁ ହେଲ୍ପ ଲାଇନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂସ୍ଥାର ଉପସଭାପତି ଚନ୍ଦନା ମଲ୍ଲିକ ପରିଚାଳନା କରିଥିବାବେଳେ ସଭ୍ୟ ସୁନିତ ବିଶୋଇ, ନିରଞ୍ଜନ ପଣ୍ଡା, ଶିକ୍ଷକ ନରେଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ବହୁ ବର୍ଷ ଧରି ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇ ଆସୁଥିବାବେଳେ ଗତ ୩ ବର୍ଷ ଧରି ମହିଳାମାନଙ୍କୁ ନେଇ ମଧ୍ୟ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ରାଜ୍ୟରେ ବହୁ ପ୍ରଶଂସିତ ହୋଇପାରିଛି। ହେଲେ ମହିଳାମାନେ ସ୍ୱତନ୍ତ୍ର ଭାବେ ଅଭ୍ୟାସ ଓ ପ୍ରଶିକ୍ଷଣ ନିମନ୍ତେ ଏକ ଖେଳ ପଡ଼ିଆର ଆବଶ୍ୟକତା ଥିବାରୁ ଏହାକୁ ନିର୍ମାଣ ପାଇଁ ପୌର ଅଧ୍ୟକ୍ଷା ରାଧା ଭତ୍ରା ଏବଂ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାଶ ପ୍ରତିଶ୍ରୁତି ଦେଇଛନ୍ତି। ସଂସ୍ଥାର ଏଭଳି ପ୍ରୟାସ ଯୋଗୁଁ ଉମରକୋଟ ଅଞ୍ଚଳରୁ ଦୌଡ଼ରାଣୀ ଦୂତି ଚାନ୍ଦ, ସାଇନା ନେହାଲ ଏବଂ ସାନିଆ ମିର୍ଜା ଭଳି କ୍ରୀଡ଼ା ତାରକା ସୃଷ୍ଟି କରି ଜିଲ୍ଲା ତଥା ରାଜ୍ୟର ନାଁ ଗୌରବାନ୍ୱିତ କରିବାରେ ସହାୟକ ହେବ ବୋଲି ନିଜ ଅଭିଭାଷଣରେ ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ ଏବଂ କ୍ରୀଡ଼ା ସଂଯୋଜକ ସଲିମ ରାଠୋର କହିଥିଲେ।

## ବାଘଛାଲ ଚାଲାଣ ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

**ରାୟଗଡ଼ା,୧୪।୨(ସମିସ)**



ରାୟଗଡ଼ା ଏସଡିଜେଏମ୍ ଜଜ୍ ବର୍ଷା ଦାଶ ଚିତା ବାଘ ଛାଲ ଜବତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍ ଏବଂ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ବର୍ଷା ଦାସ ଏହି ଶୁଣାଣି କରିଥିଲେ। ୨୦୨୩ ମେ’ ୨୩ ତାରିଖ ସନ୍ଧ୍ୟା ସାଢ଼େ ୬ଟା ସମୟରେ ରାୟଗଡ଼ା ସହରର ଶିରିଗୁଡ଼ା ନିକଟ ସ୍ୱର୍ଗଧାମ ନିକଟରେ ଅଭିଯୁକ୍ତ ଡମ୍ବରୁଧର ମାଝି ଏବଂ ସୁଶାନ୍ତ ନାୟକ ୩ଟି ଚିତା ବାଘ ଛାଲ ଚାଲାଣ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଟିଏଫ, ସିଆଇଡି, ସିବି ଭୁବନେଶ୍ୱର ଇନ୍ସପେକ୍ଟର ଜିତୁ ମୋହନ ବେସେରା ସେମାନଙ୍କୁ ଧରିଥିବା ସମୟରେ ସୁଶାନ୍ତ ନାୟକ ସେଠାରୁ ଖସି ପଳାଇ ଯାଇଥିଲା। ଏହାକୁ ଆଧାର କରି ଭୁବନେଶ୍ୱର ଏସଟିଏଫ ସିଆଇଡି ସିବିରେ କେସ୍ ନମ୍ବର ୧୨/୨୩ରେ ମାମଲା ରୁଜୁ କରି ଇନ୍ସପେକ୍ଟର ଦୀପ୍ତିରଞ୍ଜନ ପ୍ରଧାନଙ୍କୁ ଏହାର ତଦନ୍ତ ଭାର ପ୍ରଦାନ କରିଥିଲେ। ଏହି ମାମଲାର ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଦୋଷୀଙ୍କୁ ଦଫା ୪୧୧ରେ ୩ ବର୍ଷ, ଦଫା ୧୨୦(ବି)ରେ ୬ ମାସ ଏବଂ ୫୧ ୱାଇଲ୍ଡଲାଇଫ(ପ୍ରୋଟେକ୍ସନ) ଆକ୍ଟ ୧୯୭୨ରେ ୩ ବର୍ଷ ଜେଲ୍ ଏବଂ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ସୁଶାନ୍ତ ଖୋସଲା ମାମଲା ପରିଚାଳନା କରୁଥିବାବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

## ଶିରିସୀ ପଞ୍ଚାୟତରେ ବିଜେଡିର ବୁଥ୍‌ସ୍ତରୀୟ ବୈଠକ

**ପାପଡ଼ାହାଣ୍ଡି,୧୪।୨(ସମିସ)**

ପାପଡ଼ାହାଣ୍ଡି ବ୍ଲକ୍ ଶିରିସୀ ପଞ୍ଚାୟତ ସଦର ଗ୍ରାମରେ ବିଜେଡିର ଶିରିସୀ ପଞ୍ଚାୟତରେ ବୁଥସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିଲେ। ଶିରିସୀ ପଞ୍ଚାୟତରେ ୫ଟି ବୁଥ୍ ଅଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ୫ଟି ବୁଥରୁ ପ୍ରତି ବୁଥରୁ ୧୦ ଜଣିଆ କମିଟି ଗଠନ କରାଯାଇ ଘରେ ଘରେ ଶଙ୍ଖ ଚିହ୍ନକୁ ପହଞ୍ଚାଇବାକୁ ମୁଖ୍ୟ ଅତିଥି ଶ୍ରୀ ରନ୍ଧାରୀ ଉପସ୍ଥିତ କର୍ମୀଙ୍କୁ କର୍ଣ୍ଣ ମନ୍ତ୍ର ଦେଇଥିଲେ। ଏହି ବୈଠକରେ ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ତ୍ରିନାଥ ପ୍ରଧାନ, ରଜନୀକାନ୍ତ ସାସମଲ, ତ୍ରିନାଥ ମଣ୍ଡଳ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର

**ପୋଡ଼ାଗଡ଼,୧୪।୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଜୁଲିଓଉସ ବିହାରୀ ଖରା, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ସୁରେଶ କୁଲଦୀପ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଜୀବନରେ କିପରି ପାଠ ପଢ଼ିବା, ନିଜକୁ କିପରି ଶୃଙ୍ଖଳିତ କରିବା ସେ ଉପରେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ସୁରେଶ କୁଲଦୀପ ପିଲାଙ୍କୁ କିପରି ବର୍ତ୍ତମାନ ଯୁଗରେ ପ୍ରତିଟି ମୁହୂର୍ତ୍ତରେ ନିଜକୁ ନିଜେ ପ୍ରସ୍ତୁତ ରଖିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ସୁରେଶ କୁମାର ନାଗ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିବିରରେ ୪୯ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରାଯିବାକୁ ଥିବାବେଳେ ଏହି କାର୍ଯ୍ୟକ୍ରମରେ ୨ ଜଣ ମାଷ୍ଟର ଟ୍ରେନର ସାଗରିକା ମିଶ୍ର ଓ ମଧୁମିତା ନାୟକ ଯୋଗଦେଇଥିଲେ। ସମସ୍ତ ସଭା କାର୍ଯ୍ୟକୁ ଉପାଧ୍ୟକ୍ଷା ସରୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଏଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

ANIMESH
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800

## ପ୍ରଶଂସା ସାଉଁଟୁଛି ‘ଲକ୍ଷ୍ମୀ’ ବସ୍



ଗୁଡାରୀ,୧୪।୨(ସମିସ): ଗୁଡ଼ାରୀ ବ୍ଲକ୍ ଦୁର୍ଗମ ଏବଂ ପାହାଡ଼ିଆ ଅଞ୍ଚଳରେ ପହଞ୍ଚିବା ପାଇଁ ସେଠାକାର ବସବାସ କରୁଥିବା ଲୋକେ ଯାତାୟାତ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ସରକାରଙ୍କ ‘ଲକ୍ଷ୍ମୀ’ ବସ୍ ଚଳାଚଳ କରିବା ପରେ ଅତ୍ୟନ୍ତ ସୁବିଧା ପାଇପାରିଛନ୍ତି ସ୍ଥାନୀୟ ଲୋକେ। ଏହି ଲକ୍ଷ୍ମୀ ବସରେ ସୁଲଭ ମୂଲ୍ୟରେ ଗମନାଗମନ କରିପାରୁଥିବାରୁ ପଞ୍ଚାୟତ ବାସିନ୍ଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି। ଅନ୍ୟପଟେ ଦୂରଦୂରାନ୍ତରୁ ଗୁଡାରୀ କଲେଜ, ହାଇସ୍କୁଲକୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ଅତି ସୁବିଧାରେ ଯିବାଆସିବା କରିଥିବାର ଦେଖିବାକୁ ମିଳିଛି। ଗୁଡ଼ାରୀ ବ୍ଲକର ଜନସାଧାରଣ ନିଜ ପଞ୍ଚାୟତକୁ ଯିବାକୁ ହେଲେ କିଛି ବେସରକାରୀ ବସକୁ ଅପେକ୍ଷା କରିବାକୁ ପଡୁଥିଲା। ଯାହା ସେଠାକାର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କିନ୍ତୁ ଲକ୍ଷ୍ମୀ ବସ୍ ଆସିବା ପରେ ଯାତାୟାତ କ୍ଷେତ୍ରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। କିଛି ଯାତ୍ରୀ କହିଛନ୍ତି ଦୀର୍ଘ ୨୪ ବର୍ଷ ଶାସନ କାଳରେ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସାଧାରଣ ଜନତାଙ୍କ ପାଖରେ ପହଞ୍ଚିପାରିଛନ୍ତି। ଯାହା ଆଗକୁ ଆସୁଥିବା ସାଧାରଣ ନିର୍ବାଚନ ଫଳାଫଳ ଲୋକଙ୍କ ଆଗରେ ଜଳଜଳ ହୋଇ ଦେଖିବାକୁ ମିଳୁଛି ବୋଲି କହିଛନ୍ତି ଅଞ୍ଚଳବାସୀ।

# ଜେକେପୁରରେ ଖୋଲାଗଲା ବିଜେଡି କାର୍ଯ୍ୟାଳୟ



**ରାୟଗଡ଼ା/କୋଲନରା,୧୪।୨(ସମିସ)**

ପାଖେଇ ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ଯାହାକୁ ନେଇ ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ ତଥା ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ରାୟଗଡ଼ା ବ୍ଲକ୍ ଜୋନ୍-ଗ ଅନ୍ତର୍ଗତ ଜେକେପୁରସ୍ଥିତ ଗୋପବନ୍ଧୁ ଛକଠାରେ ନିର୍ବାଚନୀମଣ୍ଡଳୀର ପ୍ରଥମ ବିଜେଡି ଦଳୀୟ କାର୍ଯ୍ୟାଳୟର ଶୁଭ ଉଦଘାଟନ କରାଯାଇଛି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେଡି ଉପସଭାପତି ଏନ୍.ଭାସ୍କର ରାଓ ଏହି ଦଳୀୟ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଜୋନ୍-ଗ ବିଜେଡି କର୍ମକର୍ତ୍ତା ଓ ନେତୃବୃନ୍ଦମାନେ ଏବେଠାରୁ ଘରକୁ ଘର ଯାଇ ଭୋଟରଙ୍କୁ ସଚେତନ କରାଇବା ସହ ନବୀନ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଯୋଗୁଁ ଲୋକେ କିଭଳି ଉପକୃତ ହୋଇଛନ୍ତି ସେ ବିକାଶ ସମ୍ବନ୍ଧରେ ସଚେତନ କରିବା ପାଇଁ ଶ୍ରୀ ରାଓ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଗଙ୍ଗାଧର ପୁଆଲା, ସମ୍ପାଦକ ଦୁଡ଼ଲା ଶ୍ରୀନିବାସଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ଓ ସମର୍ଥକମାନେ ଉପସ୍ଥିତ ଥିଲେ।

Skilled in ODISHA
ODISHA SKILL DEVELOPMENT AUTHORITY

ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ | ଜିଲ୍ଲା ପ୍ରଶାସନ, କଟକ

ଯୋଗାଯୋଗ: ୦୬୭୧-୨୩୬୦୦୭୭

## କୋରାପୁଟ ପୁଲିସ ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**କୋରାପୁଟ,୧୪ା୨(ସମିସ):** କୋରାପୁଟ ଓଡ଼ିଶା ପୁଲିସ ଶାଖା ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟଠାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୁଲୱାମା ଆକ୍ରମଣରେ ଶହୀଦ ସମସ୍ତ ୪୦ ଜଣ ଯବାନଙ୍କ ବଳିଦାନକୁ ମନେପକାଇ ସେମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଇପିଏସ୍ ପ୍ରୋବେସନାରୀ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପ, ହାବିଲଦାର ଓ କନଷ୍ଟେବଳ ସଂଘ ସଭାପତି ଗିରିଜା ଶଙ୍କର ନାୟକ, ଉପ ସଭାପତି କୁନୁ ମୁଦୁଲି, ସମ୍ପାଦକ ନକୁଳ ସୁନା, କୋଷାଧ୍ୟକ୍ଷ ଗୌରାଙ୍ଗ ଚେଟ୍ଟି ଓ ବରିଷ୍ଠ ସଭ୍ୟ ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଶହୀଦମାନଙ୍କ ସ୍ମୃତିଚାରଣ କରିବା ସହିତ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶତ୍ରୁମାନଙ୍କ କବଳରୁ ଦେଶ ମାତୃକାର ସୁରକ୍ଷା କରିବା ପାଇଁ ପୁଲିସ ବିଭାଗ ସବୁ ବେଳେ ସଜାଗ ରହିଛି ବୋଲି କୋରାପୁଟ ଜିଲ୍ଲା ଓଡ଼ିଶା ପୁଲିସ ଶାଖା ସଂଘର ସଭାପତି ଗିରିଜାଶଙ୍କର ନାୟକ କହିଛନ୍ତି।

## ସରସ୍ବତୀ ପୂଜାରେ ସାମୂହିକ ଖଡ଼ିଛୁଆଁ



**ବୋରିଗୁମ୍ମା,୧୪ା୨(ସମିସ):** ବୁଧବାର ଶ୍ରୀପଞ୍ଚମୀ ଅବସରରେ ବୋରିଗୁମ୍ମା ବ୍ଲକ୍ ସଦରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ବତୀ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ସରସ୍ବତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ନିମ୍ନ ମୌଳିକ ବିଦ୍ୟାଳୟ, ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟରେ ମଧ୍ୟ ସରସ୍ବତୀ ପୂଜା ପାଳିତ ହୋଇଯାଇଛି।

### ଅମଲାଭଟ୍ଟାରେ ବିଜେଡିର ୨ୟ ସମାବେଶ

# ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବୁ ଓ ନିର୍ବାଚନ ଜିତିବୁ: ଭାସ୍କର ରାଓ





**ରାୟଗଡ଼ା,୧୪ା୨(ସମିସ)**

ରାୟଗଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତାକୁ ଘରେଘରେ ପହଞ୍ଚାଇବା। ବିକାଶକୁ ଦେଖି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ କୋରାପୁଟ ଲୋକସଭା ସାଂସଦ ଆସନ ସମେତ ରାୟଗଡ଼ା ଜିଲ୍ଲାର ଗୁଣପୁର, ବିଷମକଟକ ଓ ରାୟଗଡ଼ା ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ଭୋଟରଙ୍କୁ ସଚେତନ କରିବା ବୋଲି ଏହି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବ୍ଲକ ଜିଲ୍ଲା ପରିଷଦ ଜୋନ-'ଗ' ଅମଲାଭଟ୍ଟାଠାରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ହଜାରହଜାର ବିଜେଡି କର୍ମୀ, ନେତୃବୃନ୍ଦ, ସମର୍ଥକ ଓ ଗ୍ରାମବାସୀଙ୍କ ଗହଣରେ ଯୋଗଦେଇ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜେଡି ରାଜ୍ୟ ଉପସଭାପତି ଏନ.ଭାସ୍କର ରାଓ ନିଜ ଅଭିଭାଷଣ ରଖିଛନ୍ତି। ମିଥ୍ୟା ପ୍ରଚାର କରୁଥିବା ଲୋକଙ୍କ କଥାକୁ ବିଶ୍ୱାସ ନ କରି ବିକାଶର ପ୍ରତୀକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ପୁଣିଥରେ ଟାଣ କରିବା ପାଇଁ ସମସ୍ତେ ବିଜେଡି ପ୍ରାର୍ଥୀଙ୍କୁ ଅଧିକ ଭୋଟ ଦେବା ବିଷୟରେ ସଚେତନ କରିବାକୁ ଏଠାରେ ଦ୍ୱିତୀୟ ନିର୍ବାଚନୀ ସଭା ସମାବେଶ ଅନୁଷ୍ଠିତ ହୋଇଛି ବୋଲି ସେ କହିଥିଲେ। ଆସନ୍ତା ୧୫ଦିନ ଭିତରେ ରାୟଗଡ଼ା ନିର୍ବାଚନ ମଣ୍ଡଳିର ରାୟଗଡ଼ା ଓ କାଶିପୁର ବ୍ଲକ ସମେତ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଏଭଳି ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଅତୀତ ନିର୍ବାଚନରେ ବିଜେଡି ହାତରୁ ଖସିଥିବା ରାୟଗଡ଼ା ବିଧାନସଭା ଓ ଲୋକସଭା ସାଂସଦ ଆସନକୁ ପୁଣି ଦାଖଲ କରିବା ପାଇଁ ସମସ୍ତ ବିଜେଡି କର୍ମୀ ଓ ନେତୃବୃନ୍ଦଙ୍କୁ ସକ୍ରିୟ ଭାବେ କାମ କରିବାକୁ ଶ୍ରୀ ରାଓ ଅନୁରୋଧ କରିଛନ୍ତି। ରାୟଗଡା ବ୍ଲକର ଅମଲାଭଟ୍ଟାଠାରେ ଅନୁଷ୍ଠିତ ଏହି ବିଶାଳ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜୋନ୍-'ଗ' ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ଜୋନ-'କ' ଜିଲ୍ଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ରାଜ୍ୟ ବିଜୁ ମହିଳା ଜନତା ଦଳ ଉପ ସଭାନେତ୍ରୀ ସୁଜାତା ପାଳ, ରାଜ୍ୟ ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶର୍ମିତା ପାଢ଼ୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗଙ୍ଗାଧର ପୁଆଲା, ସମ୍ପାଦକ ଦୁଡ଼ଲା ଶ୍ରୀନିବାସ, ବିନାୟକ କର, ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅଭିନାଶ ବିଶୋଇ, ବିଜୁ ଯୁବ ଜନତା ଦଳ ରାୟଗଡ଼ା ନଗର ସଭାପତି ଶ୍ରୀକାନ୍ତ ଚୌଧୁରୀ, ବିଜୁ ଛାତ୍ର ଜନତା ଦଳ ରାୟଗଡ଼ା ନଗର ସଭାପତି ପ୍ରବୀଣ କୁମାର, ବିଜେଡି ରାୟଗଡ଼ା ନଗର କମିଟି ସଭାପତି ବି.ଜଗନମୋହନଙ୍କ ସମେତ ଜୋନ୍-'ଗ' ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ସରପଞ୍ଚ, ସମିତି ସଭ୍ୟସଭ୍ୟାଙ୍କ ସହ ରାୟଗଡ଼ା ପୌର ପରିଷଦର ବିଜେଡି କାଉନସିଲରମାନେ ମଧ୍ୟ ଉପସ୍ଥିତ ରହିଥିଲେ। ୨୩ବର୍ଷରେ ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ଯୋଜନାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ଯାଏଁ ସମସ୍ତ ଜନହିତକର ଯୋଜନା ସବୁ ବର୍ଗର ଲୋକଙ୍କ ପାଇଁ ପ୍ରଣୟନ କରୁଥିବା ବେଳେ ଏଥିରେ 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯାଇଛି। ଏଥିସହ ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ମାଧ୍ୟମରେ ଗାଁଗାଁରେ ମହିଳାମାନେ ସ୍ବାବଲମ୍ବୀ ହୋଇ ପାରିଛନ୍ତି। ମମତା ସହାୟତା ରାଶିକୁ ଦୁଇଗୁଣା ବୃଦ୍ଧି କରିବା ସହ ବିଭିନ୍ନ ଭତ୍ତା ପ୍ରଦାନ କ୍ଷେତ୍ରରେ ମଧ୍ୟ ଏହି ରାଶିକୁ ବୃଦ୍ଧି କରି ଏକ ବିକଶିତ ଓଡ଼ିଶା ଗଠନ କରିବାରେ ଦେଶରେ ଲୋକପ୍ରିୟତା ମୁଖ୍ୟମନ୍ତ୍ରୀ ଭାବେ ଏକ ନମ୍ବର ହୋଇପାରିଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ଏବଂ ରାୟଗଡ଼ା ନିର୍ବାଚନ ମଣ୍ଡଳି ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ବୋଲି ମଞ୍ଚାସୀନ ନେତୃବୃନ୍ଦମାନେ ପ୍ରକାଶ କରିଥିଲେ। ଏହି ଅବସରରେ ୩୨୬ ନମ୍ବର ଜାତୀୟ ରାଜପଥର ଖଲିଗୁଡ଼ାଠାରୁ ସଭାସ୍ଥଳ ଅମଲାଭଟ୍ଟା ଯାଏଁ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**● ୨୩ ବର୍ଷର ନବୀନ ସରକାର ଲୋକଙ୍କ ବିକାଶ ପାଇଁ କାମ କରିଛନ୍ତି**

### ▶ ନିଖିଳ ଉତ୍କଳ ତେଲେଙ୍ଗା ଦୋରା ସଂଘର ନୂତନ କର୍ମକର୍ତ୍ତା

## ବାଲୁଙ୍କେଶ୍ୱର ରାଓ ସଭାପତି, ବି. ସତୀଶ କୁମାର ସାଧାରଣ ସମ୍ପାଦକ



**ଜୟପୁର,୧୪ା୨(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ନିଖିଳ ଉତ୍କଳ ତେଲେଙ୍ଗା ଦୋରା ସଂଘର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇ ଦାୟିତ୍ୱ ଦିଆଯାଇଛି। ଜୟପୁରଠାରେ ଅନୁଷ୍ଠିତ ଦାୟିତ୍ୱ ଗ୍ରହଣ ଉତ୍ସବରେ ପୂର୍ବତନ ଜୟପୁର ବ୍ଲକ୍ ଉପାଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବରିଷ୍ଠ ବିଜେଡି ନେତା ବି. ବାଲୁଙ୍କେଶ୍ୱର ରାଓଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ବି.ସତିଶ କୁମାର, ଉପସଭାପତି ଏସ୍.ରାଜୀବ (କିରଣ), କାର୍ଯ୍ୟକାରୀ ଉପସଭାପତି ସୁରେଶ ଦୋରା, କାର୍ଯ୍ୟକାରୀ ସମ୍ପାଦକ ଏମ୍. ଭାନୋଜୀ ରାଓ, ସାଂସ୍କୃତିକ ସମ୍ପାଦକ ଭାବେ ଜି. ରାମବାବୁ, ଯୁଗ୍ମ ସମ୍ପାଦକ ଏ. ତିରୁପତି, ଏସ୍. ପ୍ରସାଦ, କୋଷାଧ୍ୟକ୍ଷ ଜି. ସତ୍ୟନାରାୟଣ, ମୁଖ୍ୟ ଉପଦେଷ୍ଟା ଭାବେ ଆଇ. ରାଜାରାଓ ଏବଂ ୪ ଜଣ ଉପଦେଷ୍ଟା, ୭ ଜଣ କାର୍ଯ୍ୟକାରୀ ସଦସ୍ୟ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଏହି ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମେତ ସମସ୍ୟାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ନବାଗତ ସଭାପତି ଶ୍ରୀ ରାଓ ପ୍ରକାଶ କରିଛନ୍ତି।

## ମିତୁଲା ସୀସାଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ସେମିଳିଗୁଡ଼ା,୧୪ା୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୁବାଇ ପଞ୍ଚାୟତ ଅଞ୍ଚଳର ତଥା ବ୍ଲକ ବିଏଲ୍ଏଫ୍ ସମ୍ପାଦିକା ମିତୁଲା ସୀସା ଦୁବାଇ ଯାଇ ଫେରିଥିବାବେଳେ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା ମିଳିଛି। ପ୍ରଥମଥର ପାଇଁ ସଭାନେତ୍ରୀମାନେ ଦୁବାଇ ଯାଇ ଫେରିଥିବାବେଳେ ସାମ୍ପାଦିକା ମିତୁଲା ସୀସା ମଧ୍ୟ ଦୁବାଇରୁ ଫେରିଛନ୍ତି। ସେ ସେମିଳିଗୁଡ଼ାରେ ପହଞ୍ଚିବା ପରେ ସେମିଳିଗୁଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧୀରେନ୍ଦ୍ର କୁମାର ଖଣ୍ଡଗିରି, ସିଡିପିଓ ବିନୋଦିନୀ ବେହେରା, ମିଶନ ଶକ୍ତି ବିପିସି ସସ୍ମିତା ଖୋସଲାଙ୍କ ସମେତ ବିଏଲଏଫ୍ ସଭ୍ୟା ଓ ଇସି ମେମ୍ବରମାନେ ଯୋଗଦେଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମ୍ପାଦିକା ମିତୁଲା ସୀସାଙ୍କୁ ଦୁବାଇରୁ ଫେରିଥିବାରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକର ବିଏଲଏଫ୍, ସଭାନେତ୍ରୀ ଓ ସମ୍ପାଦିକାମାନଙ୍କୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଦ୍ୱାରା ଦୁବାଇ ଭ୍ରମଣ କରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।



ରାୟଗଡ଼ା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହାଆଡ଼ମ୍ବରରେ ଶିକ୍ଷାର୍ଥୀଙ୍କ ଦ୍ୱାରା ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା

## ଝରାପାଲ୍ଲୀ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ମାଲକାନଗିରି,୧୪ା୨(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ଝରାପାଲ୍ଲୀ ପଞ୍ଚାୟତଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟାକ୍ରମରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୁମି, ପଦ୍ମଗିରି ସରପଞ୍ଚ ସୋନାଧର ମାଡ଼କାମି, ପେଡ଼ାକୋଣ୍ଡା ସରପଞ୍ଚ ଲାକମା କବାସୀ, ତଣ୍ଡିକି ସରପଞ୍ଚ ବାବୁଲା ପଡ଼ିଆମି, ସିନ୍ଧ୍ରିମାଳ ସରପଞ୍ଚଘାସି ବାବୁ, ଗଙ୍ଗଲା ସରପଞ୍ଚ ସୁଦର୍ଶନ କପେ, ଝରାପାଲ୍ଲୀ ପୂର୍ବତନ ସରପଞ୍ଚ ଅର୍ଜୁନ ବାଞ୍ଜାମି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଝରାପାଲ୍ଲୀ ସହ ନିକଟସ୍ଥ ପଞ୍ଚାୟତରୁ ଶହଶହ ମହିଳା ପୁରୁଷ ଉପସ୍ଥିତ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୋଜନା ଜନସାଧାରଣଙ୍କ ପାଇଁ ନବୀନ ସରକାର ପ୍ରଣୟନ କରିବେ ଓ ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ନବୀନ ସରକାରଙ୍କୁ ଜିତାଇବା ସହ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ।

### ■ ନନ୍ଦପୁର ବ୍ଲକକୁ ଏସଡିସି ଉପାଧ୍ୟକ୍ଷାଙ୍କ ମାରାଥନ୍ ଗସ୍ତ

## ୬ ଗ୍ରାମ ପଞ୍ଚାୟତରେ ସଦର ଦାଣ୍ଡ ଓ ନିଶାନି ମୁଣ୍ଡାର ଶୁଭ ଦେଲେ

**ନନ୍ଦପୁର,୧୪ା୨(ସମିସ)**



କୋରାପୁଟ ଜିଲ୍ଲା ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ବୁଧବାର ନନ୍ଦପୁର ବ୍ଲକକୁ ମାରାଥନ ଗସ୍ତ କରିଛନ୍ତି। ବ୍ଲକର ୬ ଗ୍ରାମ ପଞ୍ଚାୟତର ସଦର ଦାଣ୍ଡ ଓ ନିଶାନି ମୁଣ୍ଡାର ନବ ନିର୍ମାଣ ନିମନ୍ତେ ଶୁଭ ଦେଇଛନ୍ତି। ନନ୍ଦପୁର ବ୍ଲକ୍ ସଦର ଗ୍ରାମ ପଞ୍ଚାୟତ, କୁଲାର୍ସିଂ, କୁଲାବିର, ମଲିବେଲ ଗାଁ, ଥୁବା ଗ୍ରାମ ପଞ୍ଚାୟତର ଗ୍ରାମଗୁଡ଼ିକରେ ଗ୍ରାମଦେବୀଙ୍କ ନିଶାନି ମୁଣ୍ଡାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ବିଭାଗର ଅନୁଦାନରେ ହେବାକୁ ଥିବାବେଳେ ଉକ୍ତ କାର୍ଯ୍ୟର ସେ ଶୁଭ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି, ହଜି ଯାଇଥିବା ଆଦିବାସୀ କଳା ସଂସ୍କୃତି ଓ ପରମ୍ପରାକୁ ମୁଖ୍ୟମନ୍ତ୍ରୀ ପୁନର୍ଜୀବିତ କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ବିଭାଗ କରି ଆଦିବାସୀମାନଙ୍କ ଗୌରବ ଗରିମାକୁ ଦୁନିଆ ଆଗରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ଗାଁ ମୁଣ୍ଡରେ ଗ୍ରାମଦେବୀ ନିଶାନି ମୁଣ୍ଡାର ସୌନ୍ଦର୍ଯ୍ୟକରଣ ଗାଁର ପରିଚୟକୁ ଦୁଇ ଗୁଣିତ କରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସଂଯୋଜିକା ଲତା ରାୟ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରୀ, ମହିଳା ସଭାନେତ୍ରୀ କୁନି ପାଲି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ବରିଷ୍ଠ ନେତା ଯୁଧିଷ୍ଠିର ଖରା, କାର୍ତ୍ତିକ ଖେମୁଣ୍ଡୁ, ରମେଶ ଖେମୁଣ୍ଡୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସେକ୍ ବାଜି, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତୁଲ୍, ମନ କଅଁରଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ।

## ବ୍ରାହ୍ମଣ ସମାଜର ବେଦ ମଣ୍ଡପ ଭବନ ନିର୍ମାଣ ପାଇଁ ଭୂମିପୂଜା



**ଜୟପୁର,୧୪ା୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ବିଭାଗ ପକ୍ଷରୁ ଜିଲ୍ଲା ବ୍ରାହ୍ମଣ ସମାଜ କାର୍ଯ୍ୟାଳୟ ପରିସରରେ ବୈଦିକ ବିଦ୍ୟାଳୟର ସମ୍ପ୍ରସାରଣ ସହ ବେଦମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା ବୁଧବାର ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ଏବଂ ଭୂମିପୂଜା କରିଥିଲେ।

ପ୍ରକାଶ ଯେ, ୨୦୨୩ରେ ମୁଖ୍ୟମନ୍ତ୍ରୀଙ୍କ ଜୟପୁର ଗସ୍ତ ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଭିନ୍ନ ସଂଗଠନକୁ ସାକ୍ଷାତ୍ ବେଳେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜୟପୁରଠାରେ ବ୍ରାହ୍ମଣ ବାଳକମାନଙ୍କୁ ବୈଦିକ ଶିକ୍ଷା ପ୍ରଦାନ କରିବା ନେଇ ବିଦ୍ୟାଳୟର ସମ୍ପ୍ରସାରଣ ଭବନ ପାଇଁ ଅନୁଦାନ ପ୍ରଦାନ କରିବାକୁ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ '୫-ଟି' ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି କୋରାପୁଟ ଜିଲ୍ଲା ବ୍ରାହ୍ମଣ ସମାଜକୁ ପ୍ରଦାନ କରାଯାଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ପୂର୍ବତନ କେସିସି ବ୍ୟାଙ୍କ ସଭାପତି ଡ. ଇନ୍ଦିରା ନନ୍ଦ ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ରମେଶ ତ୍ରିପାଠୀ, କାର୍ଯ୍ୟକାରୀ ସମ୍ପାଦକ ନବକୃଷ୍ଣ ରଥ, ସାନ ଚୌଧୁରୀ, କିଶୋର ପଣ୍ଡା, ହରପ୍ରସାଦ ମିଶ୍ର, ବାବୁଭାଇ ବୋଜରଙ୍ଗୀ, ଗଣେଶ ପାଢ଼ୀ, ଶଙ୍କର ପ୍ରସାଦ ଦାଶ, ବୁଲୁ ମିଶ୍ର, ରାଜକିଶୋର ଦାଶ, ମନୋରଞ୍ଜନ କର, କୃଷ୍ଣ କେଶବ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ରାହ୍ମଣ ସମାଜର ଉନ୍ନତିକରଣ ପାଇଁ ଆବଶ୍ୟକ ଅନୁଯାୟୀ ଅଧିକ ଅର୍ଥ ଅନୁଦାନ ରାଶି ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଉପସ୍ଥିତ ବ୍ରାହ୍ମଣ ସମାଜର ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଭୋଇରିକୁଣ୍ଡ ଗ୍ରାମରେ ଗରିଆ ମା'ଙ୍କ ପୂଜା



**ମାଲକାନଗିରି,୧୪ା୨(ସମିସ):** ଏବେବି ଆଦିବାସୀ ଗ୍ରାମଗୁଡ଼ିକରେ ପରମ୍ପରାକୁ ବଜାୟ ରଖିଥିବା ଦେଖିବାକୁ ମିଳୁଛି। ଗ୍ରାମର ଦେବାଦେବୀଙ୍କୁ ପୂଜା କଲେ ଗ୍ରାମରେ କୌଣସି ମହାମାରି କିମ୍ବା ବିପଦ ଆସିବ ନାହିଁ ବୋଲି ସେମାନଙ୍କର ବିଶ୍ୱାସ ଏବଂ ପ୍ରତିବର୍ଷ ସମୂହ ଭାବେ ଗ୍ରାମଦେବତାଙ୍କୁ ପୂଜା କରିବା ସହ ଯାତ୍ରା କରିଥାନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଭୋଇରିକୁଣ୍ଡ ଗ୍ରାମରେ। ଉଦୁଲିବେଡ଼ା ସମିତିସଭ୍ୟ ପି. ରାମେଶ୍ୱର ରାଓ ଓ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗତ କିଛିବର୍ଷ ପୂର୍ବେ ଏହି ଗ୍ରାମରେ ମହାମାରିରେ ଅନେକ ଲୋକ ପ୍ରାଣ ହରାଇଥିଲେ। ତେବେ ଏହି ମୃତ୍ୟୁର କାରଣ ଗ୍ରାମବାସୀଙ୍କୁ ଜଣାପଡୁ ନ ଥିବାବେଳେ ଜନୈକ ବ୍ୟକ୍ତିଙ୍କୁ ଗରିଆ ମା' ସ୍ୱପ୍ନରେ ଆସି ତାଙ୍କ ପୂଜା ଓ ଯାତ୍ରା ବିଧିବିଧାନ ଅନୁଯାୟୀ କରିବା ପାଇଁ ଆଦେଶ ଦେଇଥିଲେ। ତାଙ୍କ ଆଦେଶକୁ ରକ୍ଷା କରି ଆଜକୁ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରତିବର୍ଷର ମାଘ ମାସର ଗୋଟିଏ ଶୁଭ ଦିନରେ ଗ୍ରାମବାସୀ ଗରିଆ ମା'ଙ୍କ ପୂଜା ଓ ଯାତ୍ରା କରିଆସୁଛନ୍ତି। ସେହିଦିନଠାରୁ ଏହି ଗ୍ରାମରେ କୌଣସି ମହାମାରୀ ହୋଇନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଯାତ୍ରାରେ ଭୋଇରିକୁଣ୍ଡ ଗ୍ରାମ ସହ ନିକଟସ୍ଥ ଗ୍ରାମବାସୀମାନେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ଥିବା ଗରିଆ ମା'ଙ୍କ ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ପାରମ୍ପରିକ କାଳିସୀ ନୃତ୍ୟରେ ରଙ୍ଗ ବେରଙ୍ଗ ପୋଷାକ ପରିଧାନ କରି ନାଚୁଥିବା ଦେଖିବାକୁ ମିଳିଛି। ଏହି ଯାତ୍ରାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ସମସ୍ତେ ସାମିଲ ହୋଇ ପାରମ୍ପରିକ ନାଚଗୀତ କରିଛନ୍ତି। ଅନେକ ମହିଳାମାନଙ୍କୁ ମା' ଗରିଆ ଲାଗିଥିବାରୁ ସେମାନଙ୍କ ଉଦଣ୍ଡ ନାଚ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଛି।

### ଓରମାସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକ୍ରମ

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ

**ଉମରକୋଟ,୧୪ା୨(ସମିସ):** ମୁଖ୍ୟମନ୍ତ୍ରୀ ମକା ମିଶନକୁ ନେଇ ଓରମାସ ପକ୍ଷରୁ ଗଠିତ ଭସ୍କେଲ ଚିରସ୍ରୋତା ଏଫପିଓ ପକ୍ଷରୁ ବାର୍ଷିକ ଅଧିବେଶନ ଉମରକୋଟ ଆରଏମସି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ଜୟପୁର କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ୍ସ ନିର୍ଦ୍ଦେଶକ ରମା ରାଉଳ, ଓବିସି ଓ ଏଫଡିସିସି ଅଧ୍ୟକ୍ଷ ରାମଚନ୍ଦ୍ର ବିଷୋୟୀ, ଲ୍ୟାମ୍ପ୍ସ ସଂଘର ନିର୍ଦ୍ଦେଶକ ଭୀମ ହରିଜନ, ବିଜୁ ବିକେବିକେ ଯୋଜନାର ଉପଦେଷ୍ଟା ଶୁକଦେବ ଗଣ୍ଡ, କେସିସି ନିର୍ଦ୍ଦେଶକ ଶ୍ୟାମଲାଲ ବଞ୍ଜାରା, ଆତ୍ମା ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତ୍ରା, ଆମ ଓଡ଼ିଶା ନବୀନ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ସଂଯୋଜିକା ମଞ୍ଜୁଳା ମାଝୀଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମକା ମିଶନର ଆଭିମୁଖ୍ୟ, ସଂଗଠନର ଦାୟିତ୍ୱ ଓ ଏହା କିଭଳି ପରିଚାଳିତ ହେଉଛି ଏବଂ ଚାଷୀଙ୍କ ହିତ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି, ଏହାର ସଫଳ ରୂପାୟଣ କରିବା ପାଇଁ କୃଷି ଉତ୍ପାଦନକାରୀ ସଂଗଠନ ଗଠନ କରାଯାଇଛି। ଏଥିରେ ବିଶେଷ ଭାବେ ମହିଳାମାନେ ବ୍ୟବସାୟ କରି କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ। କୃଷି ଋଣ ସମେତ ଅବର୍ତ୍ତନ ପାଣ୍ଠି ମଧ୍ୟ ପ୍ରଦାନ କରାଯାଉଛି। ଏହାକୁ ସଦୁପଯୋଗ କରି ଆର୍ଥିକ କ୍ଷେତ୍ରରେ ସଂଗଠନଗୁଡ଼ିକ ଦୃଢ଼ୀଭୂତ ହେବାକୁ ଈଶ୍ୱର ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ଓରମାସ ଡେପୁଟି ସିଇଓ ଏ.ଉମା ମହେଶ କୃଷି ଉତ୍ପାଦନକାରୀ ସଂଗଠନକୁ ଓରମାସ ତାଲିମ, ମକା କିଣିବା ପରେ ଏହାର ବିକ୍ରି ସମେତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ବୋଲି ଓରମାସ ଡେପୁଟି ସିଇଓ ଏ. ଉମା ମହେଶ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏମବିକେ ମହିଳାମାନଙ୍କୁ କେସିସି ବ୍ୟାଙ୍କ ପକ୍ଷରୁ ୯ଟି ସ୍କୁଟି ମୋଟର ବାଇକ ବିନା ସୁଧରେ ପ୍ରଦାନ କରାଯାଇଛି ଏବଂ ମକା ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ପାଞ୍ଚ ଜଣଙ୍କୁ କେସିସି ବ୍ୟାଙ୍କ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏଁ ଋଣ ବିନା ସୁଧରେ ଦିଆଯାଇଛି।




# ସିଲ୍ ହେଲା ଶ୍ରୀ ଶୁଭମ୍ ମଡେଲ ରାଇସ୍ ମିଲ୍



**ନବରଙ୍ଗପୁର,୧୪ା୨(ସମିସ):** ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବୁଧବାର ଦ୍ୱିତୀୟ ଦିନରେ ନବରଙ୍ଗପୁର ନୂଆଗୁଡ଼ା ସ୍ଥିତ ଶ୍ରୀ ଶୁଭମ୍ ମଡେଲ ରାଇସ ମିଲକୁ ସିଲ୍ କରିଛି। ଶ୍ରୀ ଶୁଭମ୍ ମଡେଲ ରାଇସ୍ ମିଲ୍ ୨୦୨୨-୨୩ ବର୍ଷର ଚାଉଳ ପ୍ରଦାନ କରି ନ ଥିବାରୁ ତାହାକୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ସୂଚନାପ୍ରକାରେ, ଶ୍ରୀ ଶୁଭମ୍ ମଡେଲ ରାଇସ ମିଲକୁ ୨୦୨୨-୨୩ରେ ୨୮୯୦୭.୯୧ କୁଇଣ୍ଟାଲ୍ ଚାଉଳ ପ୍ରଦାନ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଶ୍ରୀ ଶୁଭମ୍ ମଡେଲ୍ ରାଇସ ମିଲ୍ ୨୮୯୦୭.୯୧ କୁଇଣ୍ଟାଲ ଚାଉଳ ମଧ୍ୟରୁ ବଳକା ୭୯୭୭.୮୬ କୁଇଣ୍ଟାଲ ଚାଉଳ ଆର୍ଥିକ ବର୍ଷ ଚାଲି ଯାଇଥିଲେ ମଧ୍ୟ ଦେଇପାରି ନ ଥିଲେ। ଏହି ଅନିୟମିତତା ଯୋଗୁଁ ବୁଧବାର ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଉକ୍ତ ରାଇସ ମିଲ୍ ଉପରେ ଚଢ଼ଉ କରି ସିଲ୍ କରିଛି। ଦ୍ୱିତୀୟ ଦିନର ଏହି ଚଢ଼ଉ ସମୟରେ ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ସହାୟକ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପ୍ରଧାନ, ସହାୟକ ଯୋଗାଣ ଅଧିକାରୀ ମିଲନ ମାଝୀ, ଯୋଗାଣ ନିରୀକ୍ଷକ ରାଜେଶ ଶବର ପ୍ରମୁଖଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ମଙ୍ଗଳବାର ପ୍ରଥମ ଦିନରେ ଏହି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ଉ କରି ନବରଙ୍ଗପୁର ସଦର ସ୍ଥିତ ଦଶହରାପଦା ସ୍ଥିତ ଗୁପ୍ତେଶ୍ୱରୀ ଆମ୍ଭା ରାଇସ୍ ମିଲକୁ ସିଲ୍ କରିଥିଲା।

# ଆଜି ସେମିଳିଗୁଡ଼ା ସରକାରୀ ବସ୍ ଷ୍ଟାଣ୍ଡ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



**ସେମିଳିଗୁଡ଼ା,୧୪ା୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାରେ ନିର୍ମାଣ କରାଯାଉଥିବା ଓଏସଆରଟିସି ସରକାରୀ ବସ୍ ଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନ ହେବ। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪୪ଟି ଆଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ କିଛି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାରେ ମଧ୍ୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟ ସରକାର ପକ୍ଷରୁ ସବୁଜ ସଙ୍କେତ ମିଳିଛି। ସହରରେ ୬ କୋଟି ବ୍ୟୟରେ ୨.୬୦ ଏକର ଜମିରେ ଆଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ସେମିଳିଗୁଡ଼ାରେ ସ୍ଥାନୀୟ ଧନରାଗିଣୀ ନିକଟର ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିବେ ବୋଲି ସୂଚନା ମିଳିଛି। ବିଭିନ୍ନ ସୁବିଧା ସହ ଆଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ବୁଧବାର ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ସେମିଳିଗୁଡ଼ା ସରକାରୀ ବସ୍ ଷ୍ଟାଣ୍ଡକୁ ପରିଦର୍ଶନ କରି ପ୍ରସ୍ତୁତିକୁ ତଦାରଖ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ବିଧାୟକ ଯୋଗଦେବାକୁ ସ୍ଥିର ହୋଇଛି।

# ଉମରକୋଟରେ ମାତୃପିତୃ ପୂଜନ ଦିବସ

**ଉମରକୋଟ,୧୪ା୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଚିକଲପଦର ସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାତୃପିତୃ ପୂଜନ ଦିବସ ପାଳନ ହୋଇଯାଇଛି। ସାରା ବିଶ୍ୱ ଆଜିର ଦିନକୁ ପ୍ରେମ ଦିବସ ବା ଫେବୃଆରୀ ୧୪ ତାରିଖକୁ ପାଶ୍ଚାତ୍ୟ ସଂସ୍କୃତିର କୁସଂସ୍କାରରେ ପଡ଼ି ଭାଲେଣ୍ଟାଇନ୍ ଡେ' ଭାବେ ପାଳନ କରୁଥିବାବେଳେ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କିନ୍ତୁ ଏକ ନିଆରା ଢଙ୍ଗରେ ନିଜ ମାତୃପିତୃଙ୍କୁ ଫୁଲଚନ୍ଦନ, ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ନିଜ ମାତାପିତାଙ୍କ ପାଦ ଛୁଇଁ ପ୍ରଣାମ କରି ଆଶୀର୍ବାଦ ନେଇଥିଲେ। ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ପିଲାଙ୍କ ମନରେ ପିତାମାତାଙ୍କ ସ୍ନେହପ୍ରେମ ଉଜ୍ଜୀବିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନସାନ୍ତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ମାତୃପିତୃ ପୂଜନ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲପାଳ କମଳ ଲୋଚନ ମିଶ୍ର, ଶିକ୍ଷାବିତ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ ଡ. ପ୍ରଦୀପ କୁମାର ମିଶ୍ର, ରବିଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଦକ୍ଷିଣ ପଶ୍ଚିମ କ୍ଷେତ୍ର ସଂଯୋଜକ ଭାରତୀୟ ଶିକ୍ଷା ସଂସ୍ଥାର ସନତ କୁମାର ଯୋଷୀ, ପ୍ରତିଷ୍ଠାତା କାର୍ତ୍ତିକ ମଲ୍ଲିକ, ବିଦ୍ୟାଳୟର ସମ୍ପାଦିକା ଦୀପିକା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଏବଂ ଉତ୍କଳୀୟ ସଂସ୍କୃତିରେ ପିତାମାତାଙ୍କୁ ପୂଜନ କରିବା ଏବଂ ପିତାମାତାଙ୍କୁ ପୂଜା କରି କ'ଣ ପାଇଛନ୍ତି ସେ ସମ୍ପର୍କରେ ଅବଗତ କରିଥିଲେ। ବିଦ୍ୟାଳୟର ସଭାପତି କାର୍ତ୍ତିକ ମଲ୍ଲିକ ଆମ ରାଷ୍ଟ୍ରୀୟ ସଂସ୍କୃତିର ଅମୃତ ମନ୍ତ୍ରରେ ଦୀକ୍ଷିତ କରିବାରେ ସହାୟକ ହେବା ପାଇଁ କହିଥିଲେ।




# ବିଶାଖାପାଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

● ଶବ ଆଣିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଗୁହାରି

**ରାୟଗଡ଼ା,୧୪ା୨(ସମିସ):** ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ରେଳବାଇ ଷ୍ଟେସନରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଜଣେ ଶ୍ରମିକ ନିଜ ଗାଁକୁ ଫେରିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଅସୁସ୍ଥତା ଯୋଗୁଁ ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଶ୍ରମିକ ଜଣକ ହେଲେ ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ କଷନାଦୋରା ଗ୍ରାମର ଚୈତନ୍ୟ ମାଝୀ (୬୨)। ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଖବର ତାଙ୍କ ସହ ଆସୁଥିବା ଦୁଇ ଜଣ ସହଯୋଗୀ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଗରିବ ଓ ଦିନମଜୁରିଆ ଚୈତନ୍ୟଙ୍କ ପରିବାରର ଆର୍ଥିକବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କ ମୃତଦେହ ନିଜ ଗାଁକୁ ଆଣିବାରେ ପରିବାର ପକ୍ଷରୁ ଅସମର୍ଥ ହୋଇଥିଲେ। ଏନେଇ ରାୟଗଡ଼ା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ବିଶାଖାପାଟଣାରୁ ଚୈତନ୍ୟଙ୍କ ମୃତଦେହକୁ ଆଣିବା ଏବଂ ଅନ୍ତିମ ସଂସ୍କାର କରିବା ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ପୁଅ ଅନ୍ତ ମାଝୀ ଲିଖିତ ଭାବେ ଅନୁରୋଧ କରିଥିବା ନେଇ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତ ସୂଚନା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସାହାଯ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଶ୍ରୀ ରଇତ ପ୍ରକାଶ କରିଛନ୍ତି। ମୃତ ଶ୍ରମିକ ଚୈତନ୍ୟ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଥିବା ଏକ ଘରୋଇ କମ୍ପାନୀରେ କପା ମଞ୍ଜି ତୋଳିବା ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇଦିନ ତଳେ ତାଙ୍କୁ ଜ୍ୱର ସହ ଝାଡ଼ାବାନ୍ତି ହେବାରୁ ସେ ଗୁଣ୍ଟୁରର ଏକ ଚିକିତ୍ସାଳୟରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବାସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରୁଥିଲେ। ଘରକୁ ଆସି ଚିକିତ୍ସିତ ହେବା ପାଇଁ ସେ ଗୁଣ୍ଟୁରରୁ-ରାୟଗଡ଼ା ଆସିବା ନିମନ୍ତେ ବିଶାଖାପାଟଣା ଷ୍ଟେସନଠାରେ ଟ୍ରେନକୁ ଅପେକ୍ଷା କରିଥିଲେ। ଅତ୍ୟଧିକ ଅସୁସ୍ଥତା ଯୋଗୁଁ ସେହି ଷ୍ଟେସନଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ସହଯୋଗୀମାନେ ପରିବାରକୁ ଜଣାଇଥିଲେ।

# ପାଟ ବାଲିଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ପାପଡ଼ାହାଣ୍ଡି,୧୪ା୨(ସମିସ)**



ମାଘ ପଞ୍ଚମୀ ତିଥିରେ ବୁଧବାର ପାପଡ଼ାହାଣ୍ଡି ବ୍ଲକ୍ ଜଟାବାଲ ପଞ୍ଚାୟତ ଅନ୍ତର୍ଗତ ସରାଗୁଡ଼ା ଗ୍ରାମଠାରେ ପାଟ ବାଲିଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭଖୁଣ୍ଟି ସ୍ଥାପନ କରିଛନ୍ତି। ଶ୍ରୀ ରନ୍ଧାରୀଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ୍ ଅଧ୍ୟକ୍ଷା ପ୍ରତିନିଧି ପରେଶ ଜେନା, ବିଭୁତି ଖୋସଲା, ସେକ୍ ମୁସ୍ତାକ ପ୍ରମୁଖ ଯୋଗଦେଇଥିଲେ। ଏହି ପାଟ ବାଲିଯାତ୍ରା ପ୍ରତି ୧୨ ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ଆଖପାଖ ପ୍ରାୟ ୧୦ ଖଣ୍ଡ ଗ୍ରାମକୁ ନେଇ ଏହି ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପାଟ ବାଲିଯାତ୍ରାଟି ଆଗାମୀ ତିନି ମାସ ପର୍ଯ୍ୟନ୍ତ ଚାଲିବ। ଆଦିବାସୀ ପରମ୍ପରା ଅନୁଯାୟୀ ଗ୍ରାମର ଗ୍ରାମଦେବୀଙ୍କୁ ପୂଜା କରାଯାଏ। ଗ୍ରାମର ସମସ୍ତ ଲୋକଙ୍କ ଦେବଦେବୀ ଏହି ପାଟ ବାଲିଯାତ୍ରାରେ ପୂଜା ପାଆନ୍ତି। ପରିଶେଷରେ ବାଲି ଚାଙ୍ଗୁଡ଼ାରେ ବିହନ ପକାଇ ଅଙ୍କୁରିତ ହେବା ପରେ ଏକ ବିରାଟ ପଟୁଆରରେ ବାଲିଯାତ୍ରାକୁ ସମାପନ କରାଯାଇଥାଏ। ଏହି ଅବସରରେ ବାଲିଯାତ୍ରା କମିଟି ସଭାପତି ରଇନୁ ଭତରା, ସମ୍ପାଦକ ଜଗନ୍ନାଥ ଭତରା, ହରି ଭତରା, ମଙ୍ଗୁରୁ ଭତରା, ଡମ୍ବୁ ଭତରା, ସମୁଧର ଭତରା, ରତନ ମାଳି ବିଧାୟକଙ୍କ ଦ୍ୱାରା ଶୁଭଖୁଣ୍ଟି ସ୍ଥାପନ ହୋଇଥିବାରୁ ଖୁସିବ୍ୟକ୍ତ ହୋଇ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା ତାଲିମ ଶିବିର



**ତେନ୍ତୁଳିଖୁଣ୍ଟି,୧୪ା୨(ସମିସ):** ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନବ ଭାରତ ସାକ୍ଷରତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର କୁମାର ଭୌମିକ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଏହି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଦିନିକିଆ ଶିବିରରେ ବ୍ଲକର ୧୨ଟି କ୍ଲଷ୍ଟରରୁ ୪୮ ଜଣ ତାଲିମ ନେଇଥିଲେ। ପ୍ରତ୍ୟେକ କ୍ଲଷ୍ଟରରୁ ଜଣେ ଆଞ୍ଚଳିକ ସାଧନ ସଂଯୋଜକ, ଜଣେ ପ୍ରଧାନଶିକ୍ଷକ ଏବଂ ଦୁଇଜଣ ସହକାରୀ ଶିକ୍ଷକ ତାଲିମ ନେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଘ ଶିବିର ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଭୌମିକ, ଏବିଇଓ ଶ୍ରୀ ବାଘ ଏବଂ ସାଧନ କର୍ମୀ କେ. ଗୋଲା ରାଜୁ, ସଞ୍ଜୀବ କୁମାର ସାହୁ, ରଜତ ନାୟକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ହାଇଦରାବାଦରେ ୫୦୦ ଗୁଣୁପୁରବାସୀଙ୍କ ବନ୍ଧୁମିଳନ




**ଗୁଣୁପୁର,୧୪ା୨(ସମିସ):** ରବିବାର ହାଇଦରାବାଦର କୋଣ୍ଡାପୁରସ୍ଥିତ ପ୍ରେଷ୍ଟିଜ ଏଲଭିଆଇଲିଗଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣୁପୁର ସହରର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ହାଇଦରାବାଦରେ ରହୁଛନ୍ତି। ସେଠାରେ ଥିବା ଗୁଣୁପୁରର ଲୋକମାନେ ଗତ ୫ ବର୍ଷ ଧରି ପ୍ରତି ବର୍ଷ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି। ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଲୋକ ଯୋଗଦେଇଥିଲେ।

ମାନସ ପଣ୍ଡା, ଏମ୍ ଦିଲ୍ଲୀପ, ବିକାଶ ମିଶ୍ର, ଏମ୍ ପ୍ରସାଦ, ରାଜେଶ ପାତ୍ର, ଏ. ମାଣିକାଣ୍ଟା, ସନ୍ଦୀପ ପଣ୍ଡା, ଏମ୍ ଭାବିକା, ସମୀର ଭୋଇ, ଦିବ୍ୟା, ଏମ୍ ଜ୍ୟୋତି ଓ ସାଇକିରଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ବନ୍ଧୁମିଳନ ଆୟୋଜନ କରୁଥିବା ମୁଖ୍ୟବ୍ୟକ୍ତି କ୍ରାନ୍ତିକିରଣ ପଟ୍ଟନାୟକ କହିଛନ୍ତି ଯେ ଏହି ବନ୍ଧୁମିଳନ ଯୋଗୁଁ ଆମେ ସବୁ ଏକତ୍ରିତ ହୋଇପାରୁଛୁ। ତେଣୁ ଆମ୍ଭମାନଙ୍କ ଭିତରେ ଏକ ଭାଇଚାରା ସୃଷ୍ଟି ହୋଇପାରିଛି ବୋଲି ସେ କହିଛନ୍ତି।

# ସେମିଳିଗୁଡ଼ାର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା



**ସେମିଳିଗୁଡ଼ା,୧୪ା୨(ସମିସ):** ସେମିଳିଗୁଡ଼ା ବ୍ଲକର ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ମା' ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବିଦ୍ୟାଳୟରେ ଦେବୀ ସରସ୍ୱତୀ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଅନୁଷ୍ଠାନଗୁଡ଼ିକରେ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରାଯିବା ସହ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଛି। ଛୋଟ ପିଲାଙ୍କୁ ମା' ସରସ୍ୱତୀଙ୍କ ନିକଟରେ ଖଡ଼ିଛୁଆଁ ଦେଇ ଅଭିଭାବକ ଶିକ୍ଷା ଆରମ୍ଭ କରାଇଥିଲେ। ସେମିଳିଗୁଡ଼ା ପ୍ରେସ କ୍ଲବରେ ମଧ୍ୟ ଶ୍ରୀପଞ୍ଚମୀ ପୂଜା ପାଳିତ ହୋଇଯାଇଛି। ସେମିଳିଗୁଡ଼ା ଦେଓମାଳି ପବ୍ଲିକ ସ୍କୁଲ, ନେତାଜୀ ଇଂଲିଶ ମିଡିୟମ୍ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସେମିଳିଗୁଡ଼ା ମହାବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ସରସ୍ୱତୀ ପୂଜା ପାଳନ କରାଯାଇଛି।

### ବସନ୍ତ ମହୋତ୍ସବ ଉଦ୍‌ଯାପିତ

# ଷ୍ଟାର ଅଫ୍ ଜୟପୁର ମେଲୋଡିରେ ଝୁମିଲେ ଦର୍ଶକ

**ଗୁଣୁପୁର,୧୪ା୨(ସମିସ):**

ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ବୁଧବାର ଉଦଯାପିତ ହୋଇଛି। ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଜନଜାତିଙ୍କୁ ଗୁରୁତ୍ୱ ଦେଇ ଏଥର ଉତ୍ସବ କରାଯାଇ ଥିବାରୁ ଧନ୍ୟବାଦ ଦେଇଥିଲେ। ଏହାଦ୍ୱାରା ଜନଜାତିଙ୍କ ମଧ୍ୟରେ ଆହୁରି ଉତ୍ସାହ ବଢ଼ିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ଼ ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗଦେଇଥିଲେ। ଉପ ସଭାପତି ଉମା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ରଞ୍ଜିତ ପାଢ଼ୀ ଅନୁଭୂତି ସମ୍ପର୍କରେ କହିବା ସହ ଆଇନଜୀବୀ ଲାଡି ଗୋପାଳରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଜି ବଂଶଧାରା ପତ୍ରିକା ଲୋକାର୍ପଣ ହୋଇଥିଲା। କ୍ରୀଡ଼ା ପରିଷଦର ସମ୍ପାଦକ ସପନ ଦାସଙ୍କ ସଂଯୋଜନାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଆଜି ଷ୍ଟାର ଅଫ ଜୟପୁରର ମେଲୋଡି କାର୍ଯ୍ୟକ୍ରମରେ ଶୁକଦେବ ବାରିକଙ୍କ ସଂଗୀତରେ ଦର୍ଶକମାନେ ଝୁମିବା ସହ ପଞ୍ଚମ ସାମନ୍ତରାୟଙ୍କ ସାକ୍ସୋଫୋନ୍ ଶବ୍ଦକୁ ମନଭରି ଉପଭୋଗ କରିଥିଲେ। ଏହି ପଡ଼ିଆରେ ଆଜି ସାର୍ବଜନୀନ ସରସ୍ୱତୀ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଦ୍ୱୈତ ବେଦାନ୍ତ ଆଶ୍ରମର ପୂଜକମାନଙ୍କ ଦ୍ୱାରା ମହାଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

# 'ଗରିବଙ୍କ ଘରେ ଖୁସି ଆଣିଛି ବିଏସ୍‌କେୱାଇ'





ନନ୍ଦପୁର,୧୪।୨(ସମିସ)

କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ସଚେତନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଯୋଗଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ବିଷୟରେ କହିବା ସହ ଗରିବଙ୍କ ପରିବାରରେ ଖୁସି ଆଣିଛି ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବୋଲି ସେ କହିଛନ୍ତି। ଏଥିସହ ପ୍ରତି ଗ୍ରାମ ପଞ୍ଚାୟତରେ ଦଶ ଲକ୍ଷ ଟଙ୍କାର ଅନୁଦାନରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଉପରେ ସଚେତନ କରାଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ଐତିହ୍ୟ ଭିତ୍ତିଭୂମିର ବିକାଶ, ଗମନାଗମନ ସୁଗମ କରାଯିବା ଉପରେ ସଚେତନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ, ସମିତି ସଭ୍ୟ ଜଗନ୍ନାଥ ହନ୍ତାଳ, ବନମାଳୀପୁଟ ସରପଞ୍ଚ ଗୋରା ଜାନି, ଏସ୍‌ଡିସି ସଦସ୍ୟ ରାମ ପାତ୍ର, ସମସ୍ତ ସିଆର୍‌ପି, ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନ ସାଧାରଣମାନେ ଯୋଗଦେଇଥିଲେ।

**କୋରାପୁଟ/କୋଲାବନଗର :** କୋରାପୁଟ ବ୍ଲକ ବଡ଼କେରେଙ୍ଗା ପଞ୍ଚାୟତର କୋଲାବ ନଗରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ସାମାଜିକ କଲ୍ୟାଣ ଯୋଜନା ଭତ୍ତାରେ ୫୦୦ ଟଙ୍କା ବୃଦ୍ଧି, ପ୍ରତ୍ୟେକ ଖାଉଟି କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ଆର୍ଥିକ ସହାୟତା ଓ ଦୁଇଟି ଝୋଟ ବ୍ୟାଗ୍, ୧୮ରୁ ୩୫ ବର୍ଷର ବେରୋଜଗାର ଯୁବକଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ ଭଳି ଯୋଜନା ଘୋଷଣା କରିଥିବାରୁ ବିଧାୟକ ଶ୍ରୀ ପଡ଼ାଲ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ଜାନି ଓ ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ, ଅଙ୍ଗନବାଡ଼ି, ଆଶା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ କର୍ମଚାରୀ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ସଚେତନ ବାର୍ତ୍ତା ଦେଇଥିଲେ।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଧୋଡ଼ିପାଣି ହାଟପଦାଠାରେ ବୁଧବାର 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ବିଡିଓ ରାମକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବିଶିଷ୍ଟ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା କେତକୀମଲ୍ଲି ଗୌଡ଼, ସ୍ଥାନୀୟ ସରପଞ୍ଚ ଦୁଲ୍ଲଭ ପୂଜାରୀ, ସମିତିସଭ୍ୟା ଭାନୁମତୀ ମାଝୀ, ବରିଷ୍ଠ ନେତା ବଳରାମ ପଟ୍ଟନାୟକ, ଯୁବ ନେତା ପ୍ରଶାନ୍ତ ପାରି, ଶେଷମଲ ନାୟକ, ଲୋଚନ ନାୟକ, ଗଙ୍ଗାରାମ ମାଳି, ମଞ୍ଜୁଲତା ନାୟକ, ଜୋନ୍ ସଭାପତି ବଳରାମ ପଟ୍ଟନାୟକ, ଲକ୍ଷୀ ବାଘ, ଶରତ ମାଝୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଆମ ପଞ୍ଚାୟତ ବିକାଶ ସମ୍ପର୍କରେ ଲିଖିତ 'ଆମ ପଞ୍ଚାୟତ ବିକାଶ' ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ମୁଖ୍ୟତଃ ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା, ଫସଲ ବୀମା ଯୋଜନା, ମଧୁବାବୁ ପେନସନ ଯୋଜନା, ମିଶନ ଶକ୍ତି, '୫-ଟି' ସ୍କୁଲ ରୂପାନ୍ତରଣ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ୍ ଆଦି ଯୋଜନା ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତରେ ୫୦ ଲକ୍ଷ ହିସାବରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ଅତିଥିମାନେ ଲୋକଙ୍କୁ ଅବଗତ କରିଥିଲେ। ଏଥିସହ ଲୋକକଳା ମାଧ୍ୟମରେ ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିପି ଅରୂପ କୁମାର ତ୍ରିପାଠୀ, ବିପିଏମଓ ସୁଦୀପ୍ତ ରାଉତ, ଏଏଫଓ ଭାବଗ୍ରାହୀ ନାୟକ, ଭିଏଡବ୍ଲୁ ଅଭିରାମ ଗୌଡ଼, ବ୍ଲକ ମିଶନ ଶକ୍ତି ସଭାପତି ଗୌରୀ ବେହେରା, ଆଇସିଡିଏସ୍ ସୁପରଭାଇଜର ଫୁଲସରା ଭତ୍ରା, ପଞ୍ଚାୟତ ପିଇଓ ରାଜେନ୍ଦ୍ର ସାହୁ, ଗ୍ରାମ ରୋଜଗାର ସେବକ ରବି ଶଙ୍କର ନାୟକ, ଯୋଗାଣ ସହାୟକ ରାଜେନ୍ଦ୍ର ନାୟକ, ପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଅଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା, ଏସ୍‌ଏଚଜିର କାର୍ଯ୍ୟକର୍ତ୍ତା ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସମାଜସେବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣ ପାଢ଼ୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନ




ଜୟପୁର,୧୪।୨ (ସମିସ)

କୋରାପୁଟ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଅରୁଣ ପାଢ଼ୀଙ୍କୁ ଉନ୍ନତ ଚିକିତ୍ସା ସେବା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପରିଚାଳନା ନିମନ୍ତେ ୨୦୨୦-୨୧ ଏବଂ ୨୦୨୧-୨୨ ମସିହା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶ୍ରେଷ୍ଠ ବ୍ୟକ୍ତିଗତ ସମ୍ମାନରେ ସମ୍ମାନିତ କରାଯାଇଛି। ଡା. ପାଢ଼ୀ ତାଙ୍କର ଚାକିରୀ କ୍ଷେତ୍ରରେ ଅନୁନ୍ନତ ତଥା ଉପାନ୍ତ କୋରାପୁଟ ଜିଲ୍ଲା ପାଇଁ ଦୀର୍ଘ ୨୫ ବର୍ଷ ଚିକିତ୍ସା ସେବା ପ୍ରଦାନ କରିଛନ୍ତି। ସେହିପରି ଗଜପତି ଜିଲ୍ଲାରେ ଭାରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଭାବେ ଉଲ୍ଲେଖନୀୟ ସେବା ଏବଂ କୋଭିଡ ସମୟରେ ମାଲକାନଗିରି ଜିଲ୍ଲାରେ ଭାରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ୩ଟି ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗକୁ ସଫଳତାର ସହିତ ପରିଚାଳନା କରିଥିଲେ। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ମାନପତ୍ର ଓ ଟ୍ରଫି ପ୍ରଦାନ କରି ଡା. ପାଢ଼ୀଙ୍କୁ ସମ୍ମାନୀତ କରିଥିଲେ।

■ **ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

## ୭୩୪ ଜଣଙ୍କୁ ୪.୮୫ କୋଟି ଟଙ୍କାର ସହାୟତା ପ୍ରଦାନ




**ଚନ୍ଦାହାଣ୍ଡି,୧୪।୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସଭାଗୃହଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେବର ଆୟୁକ୍ତ କୁବେର ବେହେରା, ଉପ ଲେବର ଆୟୁକ୍ତ ପଦ୍ମ ଚରଣ ପଣ୍ଡା, ବିଏମ୍‌ଏସ୍ ଜିଲ୍ଲା ସଭାପତି ପରମେଶ୍ୱର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକର ୭୩୪ ଜଣ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ପ୍ରସବକାଳୀନ ସହାୟତା, ଅନ୍ତ୍ୟେଷ୍ଟି କ୍ରିୟା ଭଳି ସହାୟତା ନିମନ୍ତେ ମୋଟ ୪ କୋଟି ୮୫ ଲକ୍ଷ ଟଙ୍କାର ମୋଟ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ପାନାବେଡ଼ା ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ ସଭାପତି କମଳ ଲୋଚନ ମାଝୀ, ଧୋଡ଼ିପାଣି ପଞ୍ଚାୟତ ରାଜମିସ୍ତ୍ରି ସଂଘ ସଭାପତି ଡିଙ୍ଗର ନାୟକ, ଗମ୍ଭାରୀଗୁଡ଼ା ରାଜାମିସ୍ତ୍ରି ସଂଘ ସଭାପତି ପ୍ରେମଲାଲ ନାୟକ ପ୍ରମୁଖଙ୍କ ସହ ବିଭାଗୀୟ କର୍ମଚାରୀ ଏବଂ ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକର ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ତାଲିମ ଶିବିରରେ ଦୁର୍ନୀତି ଅଭିଯୋଗ

**ତେନ୍ତୁଲିଖୁଣ୍ଟି,୧୪।୨(ସମିସ):** ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ପ୍ରାଥମିକ ଶିକ୍ଷକଙ୍କ ତାଲିମ ପାଇଁ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଅନୁଦାନ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ନାମରେ ଏହି ଟଙ୍କା ଆତ୍ମସାତ ହେଉଥିବା ତେନ୍ତୁଲିଖୁଣ୍ଟିରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ। ତାଙ୍କ ଅଭିଯୋଗ ଅନୁଯାୟୀ, ଜିଲ୍ଲାର ସମସ୍ତ ତାଲିମ କେନ୍ଦ୍ରରେ ୟୁନିଟ୍ କଷ୍ଟ ଚାର୍ଟ ଲଗାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ପ୍ରାପ୍ୟ ଅନୁଦାନ ରାଶିକୁ ଗୁପ୍ତ ରଖାଯାଉଥିବା ସେ ଅଭିଯୋଗ କରିଛନ୍ତି। ଜିଲ୍ଲାର କୌଣସି ତାଲିମ କେନ୍ଦ୍ରରେ ଏହି ଚାର୍ଟ ଦେଖିବାକୁ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଶ୍ରୀ ତ୍ରିପାଠୀ। ତାଲିମର ଶେଷ ଦିନରେ ଶିକ୍ଷକମାନଙ୍କୁ ଦୈନିକ ୧୦ ଟଙ୍କା ହିସାବରେ ତିନି ଦିନର ନଗଦ ତିରିଶ ଟଙ୍କା ଦେଇ ଫାଙ୍କା ନିସ୍ତାରଣ ପତ୍ରରେ ସ୍ୱାକ୍ଷର ନେଇ ଏହି ଟଙ୍କା ଚଳୁ କରାଯାଉଥିବା ଅଭିଯୋଗ କରିବା ସହ ଏହାର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରୀ ତ୍ରିପାଠୀ। ଏଥିସହ ସମସ୍ତ ତାଲିମ କେନ୍ଦ୍ରରେ ୟୁନିଟ୍ କଷ୍ଟ ଚାର୍ଟ ଲଗାଇବା ପାଇଁ ଦାବି କରିଛନ୍ତି ଶ୍ରୀ ତ୍ରିପାଠୀ।

## ମିଶନ ଶକ୍ତି ଗୋଷ୍ଠୀଙ୍କୁ ନେଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଉମରକୋଟ,୧୪।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ପକ୍ଷରୁ 'ମୁକ୍ତା' ଯୋଜନା ଅଧୀନରେ ଏସ୍‌ଏଚଜିଙ୍କ ଦକ୍ଷତା ବୃଦ୍ଧି ପାଇଁ ଚାଲିଥିବା ଦକ୍ଷତା ବିକାଶ ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରର ଶେଷ ଦିନର କାର୍ଯ୍ୟକ୍ରମ ୧୩ନଂ ୱାର୍ଡରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୪ନଂ ୱାର୍ଡର ଏସ୍‌ଏଚଜି ମହିଳାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସୁଧାଂଶୁ ଦାସ, କାଉନସିଲର, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ପୌର ପରିଷଦ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ଓ 'ମୁକ୍ତା' ଟିମ୍ ପକ୍ଷରୁ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା, 'ମୁକ୍ତା' ଯୋଜନାର ନୋଡାଲ ଅଫିସର ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସହରାଞ୍ଚଳ ଗରିବଙ୍କ ପାଇଁ ମଜୁରିଭିତ୍ତିକ ନିଯୋଜନ ସୁଯୋଗ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସହରର ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ବୋଲି ଅଧ୍ୟକ୍ଷା ରାଧା ଭତ୍ରା କହିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ ୫୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଭାଗନେଇଥିଲେ। ୧୨ ଜଣ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ 'ମୁକ୍ତା'ର କାର୍ଯ୍ୟକାରିତା ପଦ୍ଧତି ମୁକ୍ତା ପ୍ରକଳ୍ପ ଚିହ୍ନଟ ପ୍ରକ୍ରିୟା, ୱାର୍କ ଅର୍ଡର ଏଥିସହିତ ପ୍ରଦାନ କରାଯାଇଥିବା ଡକ୍ୟୁମେଣ୍ଟ, ମାଷ୍ଟର ରୋଲ୍, ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ, ନିର୍ମାଣ କାର୍ଯ୍ୟର ମାପ ଓ ଦେୟ ରେକର୍ଡ ରକ୍ଷଣାବେକ୍ଷଣ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



## ସେବା କାଗଜକଲ କର୍ମଚାରୀ ସଂଘର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



**ଜୟପୁର,୧୪।୨ (ସମିସ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସେବା କାଗଜକଲ କର୍ମଚାରୀ ସଂଘର ପକ୍ଷରୁ ବୁଧବାର କୋରାପୁଟ ଜିଲ୍ଲାପାଳଙ୍କୁ ଏକ ସାତ ଜଣିଆ ପ୍ରତିନିଧି ଦଳ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କାଗଜକଲ ପ୍ରଥମ କର୍ମଚାରୀ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ସଂଘର ଅନ୍ୟାନ୍ୟ ସଦସ୍ୟମାନେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସାକ୍ଷାତ ବେଳେ ଗତ ୨୦୨୦ ଫେବୃଆରୀ ୨୬ରେ ଜୟପୁରସ୍ଥିତ ସେବା କାଗଜକଳକୁ ପୂର୍ବ ମାଲିକାନାରେ ରହିଥିବା ଥାପର କମ୍ପାନୀ ଅନ୍ୟତମ ମଦର୍ ଆର୍ଥ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ବ୍ୟବସାୟିକ ପରିବର୍ତ୍ତନ କରି ବିକ୍ରି କରିଦେଇଛି। ୨୦୨୦ ଜୁନରେ ୧୫୦ କୋଟି ଟଙ୍କା ନୂତନ କମ୍ପାନୀ ବ୍ୟାଙ୍କଠାରୁ ନେଇଥିଲେ ସୁଦ୍ଧା ଶ୍ରମିକମାନଙ୍କୁ ଗତ ଚାରି ମାସର ଦରମା କର୍ମଚାରୀଙ୍କୁ ମିଳିପାରିନାହିଁ। ଅବସରପ୍ରାପ୍ତ ଏବଂ ମୃତ କର୍ମଚାରୀ ଓ ପରିବାରକୁ ଗ୍ରାଚ୍ୟୁଇଟି ବକେୟା ଟଙ୍କା କିମ୍ବା ପ୍ରୋଭିଡେଣ୍ଟ ଫଣ୍ଡ ଓ ପେନସନ୍ ମିଳିନାହିଁ। ଗ୍ରାଚ୍ୟୁଇଟି ଅଭିଯୋଗ ମାମଲା ଶ୍ରମ ବିଭାଗ ପ୍ରଦାନ ନେଇ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଦୀର୍ଘ ମାସ ଧରି ଉକ୍ତ ଟଙ୍କା ପ୍ରଦାନ କରାଯାଇନାହିଁ। କଞ୍ଚାମାଲ ଏବଂ ରସାୟନିକ ପଦାର୍ଥ ଅଭାବ ଯୋଗୁଁ କାଗଜ ଉତ୍ପାଦନ ବନ୍ଦ ରହୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ, ବିଦ୍ୟୁତ ଓ କୋଇଲା ପ୍ରଦାନ ବାବଦକୁ ସହାୟତା କରୁଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ବସନ୍ତ ବେହେରା, ଅଲେଖ ପାତ୍ର, ଉମା ଶତପଥି, କେ.ସତ୍ୟନାରାୟଣ, ମୁରଲୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜନଜାତି ସଂସ୍କୃତି ପ୍ରଗତି ଦ୍ୱାରା ସଶକ୍ତ ଓଡ଼ିଶା ସାଥୀ ଶିବିର

ପଟାଙ୍ଗି,୧୪।୨(ସମିସ)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପଟାଙ୍ଗି ବ୍ଲକ ସ୍ଥିତ ସଭାଗୃହଠାରେ ଜନଜାତି ସଂସ୍କୃତି ପ୍ରଗତି ଦ୍ୱାରା ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗଦେଇଥିଲେ। ସେ ଜନଜାତିମାନଙ୍କ ସଂସ୍କୃତି କ'ଣ ଏବଂ ଉକ୍ତ ସଂସ୍କୃତି କିଭଳି ପ୍ରଚଳିତ ହୋଇରହିଛି ସେନେଇ କହିବା ସହ ଆମ ସଂସ୍କୃତିକୁ ବଞ୍ଚାଇବା ନିମନ୍ତେ ପ୍ରତ୍ୟେକ ଗ୍ରାମରେ ଭୂମିକା ଗ୍ରହଣ କରୁଥିବା ଗ୍ରାମର ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ପଟାଙ୍ଗି ବ୍ଲକର ଏସଡିସିର ସଦସ୍ୟ ପାନ୍ଦୀ ଢ଼ଲୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ସମାଜସେବୀ ପ୍ରତାପ ଚୌଧୁରୀ, ସମାଜସେବୀ ଗଦାଧର ବାରିକ, ବିଧାୟକ ପ୍ରତିନିଧି ଜୟସିଂ ପଡ଼ାସେଠୀ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ପଟାଙ୍ଗି ସରପଞ୍ଚ ଆଲମେ ଫୁଲ, ଗାଙ୍ଗରାଜପୁର୍ ସମିତି ସଭ୍ୟା ବିମଳା ପାଙ୍ଗି, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ପଡ଼ାଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜନଜାତି ସଂସ୍କୃତି ପ୍ରଗତି ଦ୍ୱାରା ସଶକ୍ତ ଓଡ଼ିଶା ସାଥୀ ପୁସ୍ତକର ପଟାଙ୍ଗି ବ୍ଲକରେ ଶୁଭାରମ୍ଭ କରାଯାଇଥିଲା। ଅତିଥିବୃନ୍ଦ ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମର ଦିସାରି, ଗ୍ରାମର ମୁଖିଆ, ସମାଜସେବୀ, ବାଦ୍ୟକାର, କଳାକାର, ଗ୍ରାମର ବୈଦ ଆଦି ପ୍ରମୁଖ ବ୍ୟକ୍ତି ଗଣଙ୍କୁ ଟ୍ରଫି ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଡିଇଓ ସନ୍ତୋଷ ଚୌଧୁରୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା ପୂର୍ବତନ ଶିକ୍ଷକ ବିଶ୍ୱନାଥ ପଡ଼ାଲ କରିଥିବା ବେଳେ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




**ବନ୍ଧୁଗାଁ:** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପ୍ରଶାସନ ତରଫରୁ ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନମଙ୍ଗଳ ବିଭାଗ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଷେକ ବିଶ୍ୱଜିତ ସେଠୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଆଲମଣ୍ଡା ସରପଞ୍ଚ ଗୌରୀ ମେଲେକା ଓ ନିଲାବାଡ଼ି ପଞ୍ଚାୟତର ସରପଞ୍ଚ ଜାଗାନା ୱାଟାକା ଉପସ୍ଥିତ ଥିଲେ। ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳକୁ ଲାଗି ରହିଥିବା ଆଦିବାସୀ(କୁବି) କନ୍ଧ ଜନଜାତି ସେମାନଙ୍କ କଳା, ସଂସ୍କୃତି, ପରମ୍ପରା ଓ ସେମାନଙ୍କ ଚାଲିଚଳନର ପ୍ରଗତି ପାଇଁ କୋରାପୁଟ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ତରଫରୁ ଏକ ପ୍ରୟାସ କରାଯାଇଛି। ଏମାନଙ୍କ କନ୍ଧ ସମ୍ପ୍ରଦାୟଙ୍କ ମଧ୍ୟରୁ ୫୦ ଜଣଙ୍କୁ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ୨୫ ଜଣ କଳାକାରମାନଙ୍କୁ ସିଲ୍ ସହିତ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ଧୁଗାଁ ବ୍ଲକର ନମିତା ମେଲେକା, ମିନା ବେହେରା, ରାଜକୁମାର ସାରଥୀ ଓ ପ୍ରହ୍ଲାଦ କନ୍ଧପାନ ଅନେକ ଦେଶିଆ, ଓଡ଼ିଆ ଓ କୁବି(କନ୍ଧ) ଗୀତଗାଇ ସୁନାମ ଅର୍ଜନ କରିଥିବା ଯୋଗୁଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ପାରମ୍ପରିକ ଗୀତ ଓ ବାଦ୍ୟର ତାଳେତାଳେ ମେକଡ଼ା ଗ୍ରାମର ଢ଼େମସା ନୃତ୍ୟ କରିଥିବା ବେଳେ ଉପସ୍ଥିତ ସମସ୍ତେ ଏହି ପ୍ରକାର ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।





**କୁନ୍ଦୁରା:** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଉପକଣ୍ଠ କାଉଡ଼ିଆଗୁଡ଼ାସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କନ୍ୟାଶ୍ରମରେ ସମନ୍ୱିତ ଉନ୍ନୟନ ବିଭାଗ ପକ୍ଷରୁ ଜନଜାତି ସଂସ୍କୃତି ପ୍ରଗତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଭଜମନ ସାନ୍ତା, ମଙ୍ଗୁ ଦୁରୁଆ, ସମ୍ମାନିତ ଅତିଥି ଭାବେ ଏବିଡିଓ ରାମପ୍ରସାଦ ଦୋରା, ଆଇଟିଡିଏ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଗିରି, ଅନୁଷ୍ଠାନର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାତ୍ର, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ଭୂମିଆ ସମାଜ ସଭାପତି ତ୍ରିନାଥ ସମରଥ, ଅନୁଷ୍ଠାନ ପ୍ରତିଷ୍ଠାତା ମହେଶ୍ୱର ପେଣ୍ଠିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗତ ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନାଗୁଡିକ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ କଳା, ସଂସ୍କୃତି, ଖେଳ, ଜୀବନ ଜୀବିକା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଖେଳଶିକ୍ଷକ ଦେବେନ୍ଦ୍ର ସେନାପତି, ପେଷା ଅଧିକାରୀ ଅଗଷ୍ଟିନା ମିସାଲ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା







ସୁନାବେଡ଼ା,୧୪।୨(ସମିସ)

ସୁନାବେଡ଼ା ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି । ସୁନାବେଡ଼ା-୨ ମିଗ୍ ନଗରୀ ସ୍ଥିତ ଭିଏସ୍ ବିଦ୍ୟାଳୟର ଅଧ୍ୟକ୍ଷ ବି.କେ ମିଶ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ପୂଜାର୍ଚ୍ଚନା କରିଥିଲେ । ସ୍ଥାନୀୟ ଏଡିଏଭି ହାଇସ୍କୁଲରେ ଆୟୋଜିତ ପୂଜାରେ ପ୍ରଧାନଶିକ୍ଷକ ପିକେ ମିଶ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ । ସେହିପରି ସୁନାବେଡ଼ା ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ, ସୁନାବେଡ଼ା ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ପୂଜାରେ ଅଧ୍ୟକ୍ଷା ଉଷାରାଣୀ ଦାସ ଏବଂ ଅନ୍ୟାନ୍ୟ ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ । ସୁନାବେଡ଼ା-୩ ଜଗନ୍ନାଥ ବିଦ୍ୟାପୀଠ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସେହିପରି ସୁନାବେଡ଼ା-୧ ସରକାରୀ ଏସ୍ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୋନାଲୀ ରାଉତ ଏବଂ ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।



## ଜୟପୁର





କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟଠାରେ ବସନ୍ତପଞ୍ଚମୀ ଅବସରରେ ବୁଧବାର ବୀଣାପାଣି ଦେବୀ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ଫଟୋ ରଖାଯାଇ ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା । ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ସଂଗୀତ ପ୍ରତିଷ୍ଠାନଗୁଡ଼ିକରେ ବାଗଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ଫଟୋକୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ, ଶ୍ରୀବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଜଗଦିଶ ଚନ୍ଦ୍ର ନାୟକ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟ, ପୌର ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ, ସିଟି ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ନଗର ଏବଂ ଶାରଦାବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଡର୍ଣ୍ଣ ଇଂଲିଶ ସ୍କୁଲ, ଇରିଗେସନ କଲୋନୀ ଉଚ୍ଚ ବିଦ୍ୟାଳୟ, ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ଏବଂ ଅନ୍ୟାନ୍ୟ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । ସେହିପରି ଜୟପୁର ସୁରଝଙ୍କାର ସଂଗୀତ ଅନୁଷ୍ଠାନ ପକ୍ଷରୁ ତାରିଣୀ ଛକସ୍ଥିତ ସଂଗୀତ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ଧିରେନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଏବଂ ସଂଗୀତଜ୍ଞଙ୍କ ଉପସ୍ଥିତିରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।

## ରାମନାଗୁଡ଼ା

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ରାମନାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟାନ୍ ମଧ୍ୟମ ବିଦ୍ୟାଳୟ, ଆରାୟନ କଲେଜ, ଆଦର୍ଶ ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।

## ମାଲକାନଗିରି



ମାଲକାନଗିରି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଜି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ମାଲକାନଗିରି ସଦରମହକୁମାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ସକାଳ ୯ରେ ପୂଜାରମ୍ଭ, ପ୍ରତିମା ପ୍ରତିଷ୍ଠା, ଆଳତୀ ଏବଂ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା । ସେହିପରି ଜିଲ୍ଲାର ଅନ୍ୟ ବ୍ଲକମାନଙ୍କରେ ମଧ୍ୟ ସରସ୍ୱତୀ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ଏହି ଉପଲକ୍ଷେ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଷମକଟକ



ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସମଗ୍ର ଅଞ୍ଚଳରେ ଶ୍ରୀ ପଞ୍ଚମୀକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି । ସହରଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ବିଦ୍ୟାଦାୟିନୀ ଦେବୀ ମା' ସରସ୍ୱତୀଙ୍କ ପୂଜା ମହାଆଡ଼ମ୍ବରରେ ପାଳନ କରାଯାଇଛି । ବିଷମକଟକ ସହରର ମା' ମାର୍କମା ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁକୁମରଡ଼ର ସରକାରୀ ପ୍ରାଥମିକ ବିଦ୍ୟାଳୟ, ବ୍ଲକ୍ କଲୋନି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଇନ୍ଦିରା କଲୋନି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଚର୍ଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବେସରକାରୀ ବିଦ୍ୟାଳୟ ଓ ଅନୁଷ୍ଠାନ, ବିଭିନ୍ନ କୋଚିଂ ସେଣ୍ଟରରେ ପାଳିତ ହୋଇଛି ସରସ୍ୱତୀ ପୂଜା । ବିଭିନ ଅନୁଷ୍ଠାନ, ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ ପୂଜକଙ୍କ ଦ୍ୱାରା ଅସ୍ଥାୟୀମଣ୍ଡପରେ ବିଦ୍ୟାଦାୟିନୀଙ୍କ ମୃଣ୍ମୟୀ ପ୍ରତିମାକୁ ରୀତିନୀତି ଅନୁଯାଏ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟା ସମୟରେ ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକରେ ବିଦ୍ୟାଦାୟିନୀ ଦେବୀ ମା' ସରସ୍ୱତୀଙ୍କ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳାକୁ ଧ୍ୟାନ ଦେଇ ବିଷମକଟକ ପୁଲିସ ପକ୍ଷରୁ ସହରରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

## କୋରାପୁଟ



କୋରାପୁଟ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ସହରର ଶିଶୁମନ୍ଦିର, ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ମା' ବାଗଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ଏହି ବିଦ୍ୟାଳୟଗୁଡ଼ିକର ପୂଜାମଣ୍ଡପ ସୁସଜ୍ଜିତ ଆଲୋକମାଳାରେ ଝଲସୁଥିବାବେଳେ ରୀତିନୀତି ଆଧାରରେ ମା'ଙ୍କ ପୂଜା କରି ଆଶିଷ କାମନା କରିଛନ୍ତି । ପରେ ସମସ୍ତ ଅନୁଷ୍ଠାନରେ ନୂତନ ଭାବେ ଶିକ୍ଷା ଆରମ୍ଭ କରିବାକୁ ଯାଉଥିବା କୁନି କୁନି ପିଲାମାନଙ୍କର ଖଡ଼ିଛୁଆଁ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏହି ଅବସରରେ କୋରାପୁଟ ଶିଶୁ ମନ୍ଦିରରେ କଳସ ଯାତ୍ରା, ଗ୍ରନ୍ଥ ଶୋଭାଯାତ୍ରା ଓ ନୂତନ ଭାବେ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିବା ଶିଶୁମାନଙ୍କୁ ନେଇ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ଶିରିପୁର ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଲ୍ୟାଣସିଂହପୁର,୧୪।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ପଞ୍ଚାୟତ ସଦରରେ ଥିବା ଶିରିପୁର ସରକାରୀ (ଏସଏସଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୩-୨୪ ଆଡ଼ମ୍ବରରେ ପାଳିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟାପିକା ସରୋଜ କୁମାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସମ୍ୟରଞ୍ଜନ ଜେନା, ପ୍ରଧାନଶିକ୍ଷକ ରଞ୍ଜନ କୁମାର ଧଳ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବେଟା ରାଜେଶ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଗୁରୁ ପ୍ରସାଦ ପବିତ୍ର ମୋହନ ମଞ୍ଚ ପରିଚାଳନା କରିଥିଲେ । ଉଚ୍ଚ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଅଧ୍ୟାପିକା ସୁଶ୍ରୀ ଗାୟତ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜୟ ବଜରଙ୍ଗବଳି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଯୋଗଦେଲେ ଭାରତୀୟ କ୍ରିକେଟ୍ ଟିମର ପୂର୍ବତନ ମ୍ୟାନେଜର

କୋରୁକୋଣ୍ଡା,୧୪।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଖେଳପଡ଼ିଆଠାରେ ବୁଧବାର ଜୟ ବଜରଙ୍ଗବଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦୁଇଟି ଗ୍ରୁପ୍ ମାଧ୍ୟମରେ ଖେଳ ହେଉଛି । ଗୋଟିଏ ଗ୍ରୁପରେ ୮ଟି ଲେଖାଏଁ ଦୁଇଟି ଗ୍ରୁପରେ ମୋଟ ୧୬ଟି ଟିମ ଅଂଶ ଗ୍ରହଣ କରୁଛନ୍ତି । ଗ୍ରୁପ ଏ'ର ମୋଟୁ ସହିତ ଡିଏଭିଏଫ ଟିମ ମାଲକାନଗିରି, ସିବା-୧୧ ଜଗଦଲପୁର ସହିତ କ୍ଲାସିକ-୧୧ ମାଲକାନଗିରି, କୋରୁକୋଣ୍ଡା ସହିତ କୋରାପୁଟ, ଇଭିନିଙ୍ଗ କ୍ଲବ ଜୟପୁର ସହ ପଞ୍ଜାବ ଟିମ ରହିଥିବାବେଳେ, ଗ୍ରୁପ ବି' ଟିମ୍ ମଧ୍ୟରେ ଅଛନ୍ତି ଆଲୁରକୋଟା(ଆନ୍ଧ୍ର ପ୍ରଦେଶ) ସହ ଟିଟିଲାଗଡ଼, ମୋଟୁ ଗୁଡୁମ (ଆନ୍ଧ୍ର ପ୍ରଦେଶ) ସହିତ ମାଥିଲି, ସେହିପରି ଭାବେ ବାଲିମେଲା ସହିତ ଜୀବେଶ-୧୧(କୋଣ୍ଡା), ସନ୍ତୋଷ-୧୧ ଷ୍ଟାର କୋରୁକୋଣ୍ଡା ସହିତ ସୁନାବେଡ଼ା ଟିମ ଖେଳିବାର କାର୍ଯ୍ୟକ୍ରମ ରହିଛି । ୨୮ ତାରିଖରେ ଗ୍ରାଣ୍ଡ ଫିନାଲେ ମ୍ୟାଚ୍ ଅନୁଷ୍ଠିତ ହେବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆ ଯାଇଛି । ଟୁର୍ଣ୍ଣାମେଣ୍ଟ ପ୍ରଥମ ଦିନରେ ମୋଟୁ ଟିମ ସହ ଡିଏଭିଏଫ ଟିମ ମାଲକାନଗିରି ଖେଳିଥିବାବେଳେ ପ୍ରଥମେ ଡିଏଭିଏଫ ଟିମ ମାଲକାନଗିରି ବ୍ୟାଟିଂ କରି ୧୬ ଓଭରରେ ମୋଟ ୮୪ ରନ ହାସଲ କରିଥିବାବେଳେ ମୋଟୁ ଟିମ ୧୧ ଓଭରରେ ୩ଟି ୱିକେଟ ହରାଇ ବିଜୟୀ ହୋଇଥିଲା । ବୁଧବାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତୀୟ କ୍ରିକେଟ୍ ଟିମର ପୂର୍ବତନ ମ୍ୟାନେଜର ରହି ଜିଲ୍ଲା ପାଇଁ ଗୌରବ ଆଣିଥିବା ପପୁ ସିଂ, ସମ୍ମାନିତ ଅତିଥିଭାବେ ମାଲକାନଗିରି ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ବାବୁଲା ସାହୁ ଏବଂ ବଂଶୀଧର ମୁଦୁଲି ଉପସ୍ଥିତ ଥିଲେ । ଜୟ ବଜରଙ୍ଗବଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଭାପତି ସୁଦର୍ଶନ ସାବତ ଓ ନିର୍ଦ୍ଦେଶକ ଅଶୋକ ପରିଡ଼ାଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ନୂତନ ବନଖଣ୍ଡ ଅଧିକାରୀଙ୍କ ଯୋଗଦାନ

ରାୟଗଡ଼ା,୧୪।୨(ସମିସ): ରାୟଗଡ଼ା ଜିଲ୍ଲାରେ ଓହୋଲ ସଚିନ ଆନ୍ନାସାହେବ ନୂତନ ବନଖଣ୍ଡ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏସ୍ ଆନନ୍ଦ, ଆଇଏଫଏସଙ୍କଠାରୁ ଭାର ଗ୍ରହଣ କରିଛନ୍ତି । ଏସ୍ ଆନନ୍ଦ ଗଜପତି ଓ ରାୟଗଡ଼ା ଦୁଇଟି ଜିଲ୍ଲାରେ ଗତ ୫ମାସ ଧରି ଦାୟିତ୍ୱ ତୁଲାଉଥିଲେ । ନୂତନ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଏହାପୂର୍ବରୁ ଅନୁଗୋଳ ଜିଲ୍ଲାରେ ପ୍ରୋବେଶନର ଏସିଏଫ ଭାବରେ କାର୍ଯ୍ୟ ତୁଲାଉଥିଲେ । ନୂତନ ବନଖଣ୍ଡ ଅଧିକାରୀଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।



## ସହିଦ ସ୍ତମ୍ଭ ସ୍ଥାନାନ୍ତର ଘଟଣା; ଥାନାର ଦ୍ୱାରସ୍ଥ ହେଲା 'ଭଏସ୍ ଅଫ୍ ଅମ୍ବାଦଳା'

# ସହିଦଙ୍କୁ ଅସମ୍ମାନ କଲେ ଆନ୍ଦୋଳନ ଚେତାବନୀ





ମୁନିଗୁଡ଼ା,୧୪।୨(ସମସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମାଟିର ବୀର ସନ୍ତାନ ସହିଦ ସଞ୍ଜୟ ମାଝୀଙ୍କ ସହିଦ ସ୍ତମ୍ଭ ସ୍ଥାନାନ୍ତରିତ ଘଟଣାରେ ତାତିଲା 'ଭଏସ୍ ଅଫ୍ ଅମ୍ବାଦଳା'ର ସମସ୍ତ ସଦସ୍ୟ । ବୁଧବାର ସଂଗଠନର ସଦସ୍ୟମାନେ ଥାନାର ଦ୍ୱାରସ୍ଥ ହୋଇ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରାଙ୍କୁ ଏକ ଲିଖିତ ଅଭିଯୋଗ କରିବା ସହ ସହିଦଙ୍କ ସମ୍ମାନ ରକ୍ଷା ନିମନ୍ତେ ଗୁହାରି କରିଛନ୍ତି । ସହିଦଙ୍କୁ କୌଣସି ପ୍ରକାରେ ଅସମ୍ମାନ କରାଗଲେ ସଂଗଠନ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି ।

ସୂଚନା ଅନୁଯାୟୀ, ୨୦୧୮ ଏପ୍ରିଲ ୯ ତାରିଖରେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମାଟିର ବୀର ସନ୍ତାନ ଦେଶମାତୃକାର ସେବା କରୁଥିବା ସମୟରେ ସହିଦ ହୋଇଥିଲେ । ତାଙ୍କର ସ୍ମୃତିଚାରଣ ପାଇଁ ୬ ବର୍ଷ ହେଲା ଏକ ସହିଦ ସ୍ତମ୍ଭ ନିର୍ମାଣ କରାଯିବା ସହ ପ୍ରତି ବର୍ଷ ପୁଲିସ ପ୍ରଶାସନ ପକ୍ଷରୁ ସ୍ମୃତିଚାରଣ କରାଯାଇ ଆସୁଛି । କିନ୍ତୁ କିଛି ଜମି ମାଫିଆ ଉକ୍ତ ସହିଦ ସ୍ତମ୍ଭକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ କୁଚକ୍ରାନ୍ତ କରୁଥିବା କିଛିଦିନ ହେବ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଉକ୍ତ ଖବର ଶୁଣିବା ପରେ ସହିଦଙ୍କୁ ସମ୍ମାନ ଦେବା ପାଇଁ ଭଏସ୍ ଅଫ୍ ଅମ୍ବାଦଳାର ସଦସ୍ୟମାନେ ଏକତ୍ରିତ ହେବା ସହ ଏକ ଲିଖିତ ଅଭିଯୋଗ ଅମ୍ବାଦଳା ଥାନା ଅଧିକାରୀ ଶ୍ରୀମତୀ ବେହେରାଙ୍କୁ ଦେବା ସହ ସହିଦଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ ନ କରି ସହିଦଙ୍କୁ ସମ୍ମାନ ରକ୍ଷା ନିମନ୍ତେ ଗୁହାରି କରିଛନ୍ତି । ଯଦି କୌଣସି ଚକ୍ରାନ୍ତକାରୀ ସହିଦଙ୍କୁ ଅସମ୍ମାନ କରିବ ତେବେ ଏହାକୁ ଭଏସ୍ ଅଫ୍ ଅମ୍ବାଦଳା ବିରୋଧ କରିବା ସହ ଅଞ୍ଚଳବାସୀଙ୍କ ସହ ରାଜରାସ୍ତାକୁ ଓହ୍ଲାଇବ ଏବଂ ଦରକାର ପଡ଼ିଲେ ଆମରଣ ଅନଶନ କରିବା ପାଇଁ ସଂଗଠନ ପଛଘୁଞ୍ଚା ଦେବ ନାହିଁ ବୋଲି ଜଣାଇଛନ୍ତି । ତେଣୁ ପୁଲିସ ପ୍ରଶାସନ ଏହି ଘଟଣାକୁ ଆନ୍ତରିକତାର ସହ ନେଇ ସହିଦଙ୍କୁ ସମ୍ମାନ ଦେବା ସହ ଉକ୍ତ ସ୍ଥାନରେ ଏକ ମଣ୍ଡପ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପୁରୀ ଯାତ୍ରା

ମାଥିଲି,୧୪।୨(ସମିସ)



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ଏହି ପରିକ୍ରମା ପ୍ରକଳ୍ପକୁ ଦେଖିବା ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଛି । ଶ୍ରଦ୍ଧାଳୁଙ୍କ ଆଗ୍ରହ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତର ଶ୍ରଦ୍ଧାଳୁମାନଙ୍କୁ ବସ୍ ଯୋଗେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲାଇ ଦେଖାଇବାର ସମସ୍ତ ପ୍ରକାର ଖର୍ଚ୍ଚ ବହନ କରୁଛନ୍ତି । ସେହିପରି ଆଜି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ଛତିଶଗଡ଼ ରାଜ୍ୟ ସୀମାନ୍ତ କମାରପାଲ୍ଲୀ, ମହୁପଦର, ଟେମୁରୁପାଲ୍ଲୀ, ସାଲିମି, କିଆଙ୍ଗ, କର୍ତ୍ତନପାଲ୍ଲୀ, କୁଟୁଣିପାଲ୍ଲୀ, ଧୁଙ୍ଗିଆପୁଟ, ଉଦୁଲିବେଡ଼ା, ମାଥିଲି, ଆମ୍ବାଗୁଡ଼ା, ଚାଉଳମେନ୍ଦୀ, ନାୟକଗୁଡ଼ା, ପାଙ୍ଗାମ, ଭେଜାଗୁଡ଼ା, ଭଣ୍ଡାରୀପାଙ୍ଗାମ, ଦଳପତିଗୁଡ଼ା, ଚେଡ଼େଙ୍ଗା ମେଙ୍କା, କଓାପାଲ୍ଲୀ ଓ ଭେଜାଗୁଡ଼ା ସମସ୍ତ ୨୦ ପଞ୍ଚାୟତରୁ ୪ ଶହ ଶ୍ରଦ୍ଧାଳୁ ଆଜି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ କରିବା ପାଇଁ ପୁରୀ ଗସ୍ତ କରିଛନ୍ତି । ସମସ୍ତ ଶ୍ରଦ୍ଧାଳୁ ଗତକାଲି ସନ୍ଧ୍ୟାରେ ମାଥିଲି ବ୍ଲକ ସଦର ମହକୁମାରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାତ୍ରିଯାପନ କରିଥିଲେ । ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷିକେଶ ଗଣ୍ଡ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ନିର୍ବାହୀଯନ୍ତ୍ରୀ ହୃଦାରଞ୍ଜନ ବାଘ, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାର ଓ ଜିପିଓ ରତନ ରାଏ ଉପସ୍ଥିତ ରହି ୨୦ଟି ପଞ୍ଚାୟତରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ । ଆଜି ସକାଳୁ ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୩ର ସଭ୍ୟା ସସ୍ମିତା ମାଝୀ ଓ ସଦର ପଞ୍ଚାୟତ ସରପଞ୍ଚ କାନାମରାଜୁ ନାୟକ ନଡ଼ିଆ ଭାଙ୍ଗି ଶ୍ରଦ୍ଧାଳୁମାନଙ୍କ ବସ୍ ଗୁଡ଼ିକୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରାଇଥିଲେ । ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ବସରେ ପାଣି ବୋତଲଠାରୁ ଆରମ୍ଭ କରି ମେଡିସିନ ପର୍ଯ୍ୟନ୍ତ ସୁବିଧାସୁଯୋଗ କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ତଦାରଖ କରିବା ପାଇଁ ପ୍ରତି ବସରେ ଜିଆରଏସମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛି ବ୍ଲକ ପ୍ରଶାସନ । ଗତକାଲିଠାରୁ ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ କର୍ମଚାରୀମାନେ ତତ୍ପର ଥିବା ଦେଖିବାକୁ ମିଳିଥିଲା ।

## ଚିତ୍ରକୋଣ୍ଡା



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରୁ ବୁଧବାର ୩୫୫ ଜଣ ଭକ୍ତ ଜଗନ୍ନାଥଧାମ ପୁରୀ ଅଭିମୁଖେ ପରିକ୍ରମା ପ୍ରକଳ୍ପ ଦେଖିବା ପାଇଁ ଯାଇଛନ୍ତି । ଗତ ମାସ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପର ଉଦଘାଟନ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଓଡ଼ିଶାର ପ୍ରତି ଗ୍ରାମର ଭକ୍ତଙ୍କୁ ପୁରୀ ନେଇ ଭକ୍ତଙ୍କୁ ରାଜ୍ୟ ସରକାର ପୁରୀର ପରିକ୍ରମା ପ୍ରକଳ୍ପ ଦେଖେଇବେ । ପ୍ରତି ପଞ୍ଚାୟତରୁ ୨୦ ଜଣ ଲୋକଙ୍କୁ ପୁରୀ ନିଆଯାଉଛି । ଏହି କ୍ରମରେ ଚିତ୍ରକୋଣ୍ଡା ବ୍ଲକ୍ ୧୮ଟି ପଞ୍ଚାୟତର ୩୫୫ ଜଣ ଭକ୍ତ ୮ଟି ବସରେ ପୁରୀ ଅଭିମୁଖେ ଯାଇଛନ୍ତି । ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରି ଖିଲ ଉପସ୍ଥିତ ରହି ସମସ୍ତ ଲୋକଙ୍କ ସହ ଆଲୋଚନା କରିବା ସହ ସମସ୍ତ ବ୍ୟବସ୍ଥାର ତଦାରଖ କରୁଥିବା ଦେଖିବାକୁ ମିଳିଥିଲା । ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୧୦ ହଜାର ଲୋକ ପ୍ରତିଦିନ ପରିକ୍ରମା ପ୍ରକଳ୍ପ ଦେଖିବା ପାଇଁ ପୁରୀ ଅଭିମୁଖେ ଯାଉଛନ୍ତି ।

## ଲକ୍ଷ୍ମୀପୁର

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରୁ ବୁଧବାର ୨୬୦ ଜଣ ଭକ୍ତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ପ୍ରତି ପଞ୍ଚାୟତରୁ ୨୦ ଜଣ ଲେଖାଏଁ ଭକ୍ତ ପୁରୀ ଅଭିମୁଖେ ବାହାରିଛନ୍ତି । ଏହି ଅବସରରେ ବ୍ଲକ ନିକଟସ୍ଥ ପଡ଼ିଆରେ ଜଗନ୍ନାଥଙ୍କ ନାମରେ ବସ୍ ସମ୍ମୁଖରେ ପୂଜାର୍ଚ୍ଚନା କରାଯିବା ପରେ ବସଟି ଯାତ୍ରା ଆରମ୍ଭ କରିଥିଲା । ଦୁଇଟି ପଞ୍ଚାୟତ ପାଇଁ ଗୋଟିଏ ବସର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ଏହି ସମୟରେ ସ୍ଥାନୀୟ ବିଡିଓ ଗୁରେଶ୍ୱର ଭୋଇ, ଜିପିଓ ସୁଧୀର କୁମାର ବେହେରା, ମଙ୍ଗଳ ଅଧିକାରୀ ଭୋଗତେଶ୍ୱର ସ୍ୱାଇଁ, ବିପିଏମ୍ ପ୍ରକାଶ ସେଠୀ, ବିଆରସି ଦାମୋଦର କନ୍ଧପାଣି, ମିଶନ ଶକ୍ତି ସଂଯୋଜକ ରଜତ କୁମାର ବିଡିକା, ରଞ୍ଜନ ସୁଚେନ, କନିଷ୍ଠ ଯନ୍ତ୍ରୀ ଏମ୍ ପାୱାନ କୁମାର ଓ ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ ସହ ସମିତିସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।



# ବିଦ୍ୟୁତ୍ ଆଘାତରେ ଆହତ ଛାତ୍ରଙ୍କୁ ସହାୟତା

**ଗଞ୍ଜାମ,୧୪ ।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତ ବୋରିଗାଁ ଗ୍ରାମର ଭ୍ରମର ପଲାଇଙ୍କ ପୁଅ ରୁଦ୍ର ପଲାଇ ବିଦ୍ୟୁତ ଆଘାତରେ ଗୁରୁତର ଆହତ ହେବା ସହ ଡାହାଣ ହାତର ଗୋଟିଏ ଆଙ୍ଗୁଠି ନଷ୍ଟ ହୋଇଯାଇଥିଲା। ମେଡିକାଲରେ ତାଙ୍କର ଗୋଟିଏ ଆଙ୍ଗୁଠି କଟାଯାଇଥିଲା। ଘଟଣାକୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏଯାବତ ତାଙ୍କୁ କୌଣସି ସହାୟତା ମିଳିନ ଥିବା ବେଳେ ରୁଦ୍ରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଗଞ୍ଜାମ ଏନଏସି ବିଜେଡି ନଗର ସଭାପତି ସୁଧୀର କୁମାର ପାଢ଼ୀ ଏବଂ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ। ସୋମବାର ଉକ୍ତ ଗ୍ରାମକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ରାସନ ସାମଗ୍ରୀ ଓ କିଛି ଆର୍ଥିକ ସହାୟତା କରିଛନ୍ତି। ବିଜେଡି ଜିଲ୍ଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ବ୍ଲକ ଛାତ୍ର ସଭାପତି ବାଦଲ କୁମାର ପ୍ରଧାନ, ବିଜେଡି ଯୁବ ନେତା ବିଭୁତି ପଲାଇ, ମନୋଜ ପ୍ରଧାନ, ଟୋନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ଆଘାତ ପାଇବା ପରେ ରୁଦ୍ର ମାନସିକ ସ୍ତରରେ ଦୁର୍ବଳ ହୋଇ ପଡ଼ିଥିବା ରୁଦ୍ରଙ୍କ ମା ଶର୍ମିଷ୍ଠା ପଲାଇ ବିଜେଡି ନେତୃବୃନ୍ଦଙ୍କୁ କହିଛନ୍ତି।



ଏଥିସହ ତାଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସହଯୋଗ କରିବାକୁ ନିବେଦନ କରିଛନ୍ତି ରୁଦ୍ରଙ୍କ ପରିବାର। ରୁଦ୍ର ଏବେ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି।

## ନାବାଳିକାକୁ ଦୁଷ୍କର୍ମ

# ପିସିଆର୍ ଡ୍ରାଇଭର ଗିରଫ

**ପୁରୁଷୋତ୍ତମପୁର,୧୪ ।୨(ସମିସ)**

ପୁରୁଷୋତ୍ତମପୁର ଥାନାର ପିସିଆର ଗାଡି ଡ୍ରାଇଭର ଜଣେ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ପୁରୁଷୋତ୍ତମପୁର ଥାନା ୧୧୨ପିସିଆର ଭ୍ୟାନ ଡ୍ରାଇଭର କୁନାଲ ବେହେରା ନାବାଳିକାକୁ ଦୁଷ୍କର୍ମ କରି ଏହା ପ୍ରଘଟ କଲେ ପୁଲିସ ଗାଡିରେ ଚାପି ମାରିଦେବାର ଭୟ ଦେଖାଇଛନ୍ତି। ପୀଡିତା ଜଣକ ମଙ୍ଗଳବାର ରାତିରେ ମାଉସୀ ଓ ଭଉଣୀଙ୍କ ସହ ଘରେ ବସି କଥାବାର୍ତ୍ତା ହେଉଥିବା ବେଳେ ତାଙ୍କ ବାରିପଟ କବାଟ ବାଡେଇବାର ଶବ୍ଦ ହୋଇଥିଲା। କେହି ତାକୁ ଡାକିବା ନେଇ ନାବାଳିକା ଜଣକ କବାଟ ଖୋଲିଥିଲା। କବାଟ ଖୋଲିବା ପରେ କୁନାଲ ନାବାଳିକାଙ୍କୁ ଦେଖିବା କ୍ଷଣି ଜୋରଜବରଦସ୍ତ ବାହାରକୁ ଟାଣି ନେଇଥିଲେ। ତାଙ୍କ ପାଟିକୁ ଚାପିଧରି ଜୀବନରେ ମାରିଦେବାର ଧମକ ଦେଇ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ଘରକୁ ଆସିବାରେ ବିଳମ୍ବ ହେବାରୁ ଭଉଣୀମାନେ ଯାଇ ଡାକିଥିଲେ। ପରେ ତାଙ୍କ ମା' ଆସି କବାଟକୁ ପିଟିବାରୁ ଦୀର୍ଘ ସମୟ ପରେ କୁନାଲ ନାବାଳିକାଙ୍କୁ ଛାଡିଦେଇ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ସମସ୍ତ ଘଟଣା ନାବାଳିକା ତାଙ୍କ ମାଆ ବାପାଙ୍କୁ ଜଣାଇଥିଲେ। ଏପରି ଗତ କିଛିମାସ ତଳେ ନାବାଳିକା ଜଣକ କଲେଜରୁ ଫେରିବାବେଳେ ରାସ୍ତାରେ କୁନାଲ ବାଇକରେ ଆସୁଥିଲେ। ଗ୍ରାମର ସମ୍ପର୍କରେ କୁନାଲଙ୍କୁ ସେ ମାମୁ ବୋଲି ଡାକୁଥିବାରୁ କୁନାଲ ନାବାଳିକାଙ୍କୁ ଗାଡ଼ିରେ ବସ୍ ଗାଁରେ ଛାଡି ଦେବି କହିଥିଲା। ସେ ବିଶ୍ୱାସରେ ତାଙ୍କ ବାଇକରେ ବସି ଆସିଥିଲେ। ମାତ୍ର ଗାଁକୁ ଆସିବା ବଦଳରେ ଅନ୍ୟ ସ୍ଥାନକୁ ନେଇ ଜୀବନରେ ମାରିଦେବାର ଧମକ ଦେଇ ଏକ ଘରେ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ନାବାଳିକା ଜଣକ ଲୋକଲଜ୍ଜା ଭୟରେ ଚୁପ୍ ରହିଥିଲେ। ହେଲେ କୁନାଲ ପୁଣି ସେଭଳି ବ୍ୟବହାର କରିବାରୁ ମଙ୍ଗଳବାର ନାବାଳିକା ତାଙ୍କ ବାପା ମାଆଙ୍କ ସହ ଆସି ପୁରୁଷୋତ୍ତମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ବିପିନ ବିହାରୀ ହୋତା ଏସଆଇ ପ୍ରିୟଙ୍କା ବେହେରାଙ୍କୁ କାଉନସେଲିଂ ସହ ତଦନ୍ତ ଦାୟିତ୍ୱ ଦେଇ କେସ୍ ନମ୍ବର ୮୧/୨୪ ଧାରା ୪୪୮, ୩୫୪, ୩୫୪ଏ, ୫୦୬, ୩୭୬, ପୋକ୍ସୋ (୬ )ମାମଲା ରୁଜୁ କରି କୁନାଲଙ୍କୁ ଗିରଫ କରିଛନ୍ତି । ବୁଧବାର ଉଭୟଙ୍କୁ ଡାକ୍ତର ମାଇନା ପରେ କୁନାଲଙ୍କୁ କୋର୍ଟଚାଲାଣ କରିଛି। କୁନାଲ ଆଉଟ ସୋର୍ସରେ ରହି ୧୧୨ ପିସିଆର ଗାଡି ଚଳାଉଥିଲେ।

## ବନ୍ଧାହେଲା ଛେଳି ଚୋର

**ଖଲ୍ଲିକୋଟ,୧୪ ।୨(ସମିସ):** ରାତି ପାହିଲେ କଟା ଯାଇଥାନ୍ତା ଛେଳି, ଆଉ ଖାଇଥାନ୍ତେ ମାଂସ। କିନ୍ତୁ ସଂକ୍ରାନ୍ତି ଥିବାରୁ ହୋଇପାରିଲାନି ଛେଳି କଟା। ଆଉ ସେହିଦିନ ହିଁ ସୂଚନା ପାଇ ମାଡି ବାସିଲା ପୁଲିସ। ଛେଳି ଚୋରକୁ କାବୁ କରିବା ସହିତ ଗର୍ଭବତୀ ଛେଳି ସହ ଆଉ ଗୋଟିଏ ଛେଳିକୁ ଉଦ୍ଧାର କରିଛି ଫାଣ୍ଡି ପୁଲିସ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରାପଲ୍ଲୀ ଗ୍ରାମରେ। ସୂଚନା ଅନୁଯାୟୀ ଖଲ୍ଲିକୋଟ ଥାନାର ଭେଜିପୁଟ ଫାଣ୍ଡି ଅର୍ନ୍ତଗତ ଗୁରାପଲ୍ଲୀ ଗ୍ରାମର ଏସ.ସୁଦାମ ପାତ୍ରଙ୍କ ଘର ବାରିପଟେ ବନ୍ଧା ହୋଇଥିବା ଦୁଇଟି ଛେଳିକୁ ସୋମବାର ମାସନ୍ତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ମଙ୍ଗଳବାର ସକାଳୁ ନିଜ ବାରିପଟେ ବନ୍ଧା ଯାଇଥିବା ଛେଳି ନଥିବାର ଦେଖି ସୁଦାମ ଛେଳି ଚୋରୀ ହୋଇଥିବା ସମ୍ପର୍କରେ ଭେଜିପୁଟ ଫାଣ୍ଡିରେ ଏତଲା ଦେଇଥିଲେ। ଅଭିଯୋଗ ପାଇବା ପରେ ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ମାମଲା ରୁଜୁ ହେବା ସହ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏକ ବିଶେଷ ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୁଲିସ ଟିମ ସହିତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଚଢାଉ କରି ଛେଳି ଚୋରି କରିଥିବା ଅଭିଯୋଗରେ ଦିଲ୍ଲୀପ ସାହୁ ନାମକ ଯୁବକକୁ ଗିରଫ କରିବା ସହ ସେଠାରୁ ଦୁଇଟି ଛେଳିକୁ ଉଦ୍ଧାର କରିଛି। ଦିଲ୍ଲୀପକୁ ଥାନାକୁ ଆଣି ପଚାରାଉଚାରା କରିବା ପରେ ଛେଳି ମାଂସ ଖାଇବା ଉଦ୍ଦେଶ୍ୟରେ ସେ ଚୋରି କରିଥିଲା ବୋଲି ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି। ତେବେ ମଙ୍ଗଳବାର ସଂକ୍ରାନ୍ତି ଥିବାରୁ ଛେଳି କାଟି ମାଂସ ଖାଇବା ସମ୍ଭବ ହୋଇ ପାରିନଥିଲା ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

## ବିଶ୍ୱଶାନ୍ତି ଶ୍ରୀରାମ ତାରକ ମହାଯଜ୍ଞ

**ଦିଗପହଣ୍ଡି,୧୪ ।୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମ୍ବାରି ଗାଁ ସ୍ଥିତ ପ୍ରସିଦ୍ଧ ଉଜ୍ଜଳେଶ୍ୱର ପୀଠରେ ଥିବା ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଠାରୁ ଏକାଦଶ ଦିନ ବ୍ୟାପୀ ଦ୍ୱାଦଶତମ ବିଶ୍ୱଶାନ୍ତି ଶ୍ରୀରାମ ତାରକ ମହାଯଜ୍ଞ ଶୁଭାରମ୍ଭ ହୋଇଯାଇଛି। ମହାଯଜ୍ଞ ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଏବଂ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରହିତ୍ୟରେ ଯଜ୍ଞ ମଣ୍ଡପରେ ମହାଯଜ୍ଞ ବିଧି ମୁତାବକ ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ସକାଳୁ ଦୀକ୍ଷା ଗ୍ରହଣ ପରେ ମାନସିକ ଧାରୀ ମାନେ ନିକଟସ୍ଥ ପୋଖରୀରେ ଜଳ ଦେବତାଙ୍କୁ ଆବାହନ କରିବା ସହ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ଜଳଯାତ୍ରା କରିଥିଲେ। ଏହାପରେ ଅଙ୍କୁରାରୋପଣ ଓ ମଣ୍ଡଳାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଠାରୁ ଯଜ୍ଞ କୁଣ୍ଡରେ ପ୍ରତ୍ୟେକ ଦିନ ହୋମଯଜ୍ଞ , ନାମ ଯଜ୍ଞ କରାଯିବା ସହ ଆସନ୍ତା ୨୪ ତାରିଖରେ ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମହାଯଜ୍ଞ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। କର୍ତ୍ତା ରୂପେ ପ୍ରଦୀପ କୁମାର ସାହୁ ଅଂଶଗ୍ରହଣ କରିଥିବା ବେଳେ ମହାଯଜ୍ଞ ପରିଚାଳନା କମିଟି ସଭାପତି ବିଜୟ କୁମାର ପାଣିଗ୍ରାହୀ, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଠୀ, କୋଷାଧ୍ୟକ୍ଷ ଉଜ୍ଜ୍ୱଳ ମହାନ୍ତି, ଅଶ୍ୱିନୀ ପଣ୍ଡା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ବାବୁଲା ସାହୁ, ସିମାଞ୍ଚଳ ପାତ୍ର, ସନ୍ତୋଷ ସାହୁଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡିଛି।

## କବିସୂର୍ଯ୍ୟ ବଳଦେବଙ୍କ ଜୟନ୍ତୀ




**କବିସୂର୍ଯ୍ୟନଗର,୧୪ ।୨(ସମିସ):** କବିସୂର୍ଯ୍ୟନଗର କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ଠାରେ ସମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କ ଅଧ୍ୟକ୍ଷତାରେ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଦେବରାଜ ସ୍ୱାଇଁ, ସନ୍ତୋଷ ସାମଲ, ଶରତ ଚନ୍ଦ୍ର ଡାକୁଆ, ନିତ୍ୟାନନ୍ଦ ଦଳାଇ, ବିଶ୍ୱନାଥ ରାଉତ, ଗୁରୁନାଥ ଗୌଡ଼, ଯଦୁକୁଳମଣୀ ପଟ୍ଟନାୟକ, ବିଜୟ ଚନ୍ଦ୍ର ନାୟକ, ବଳରାମ ଗୌଡ଼, ଜ୍ଞାନେନ୍ଦ୍ର ରାଉତ, ସୁଶାନ୍ତ ପ୍ରଧାନ, ରାଜେଶ ପରିଡ଼ା, ଦୀପକ ଦଳାଇ, ହରପ୍ରସାଦ ସାହୁ, ମିଟୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଗଣ ମାନେ ସ୍ମୃତିଚାରଣ କରିଥିଲେ। ସେହିପରି କବିସୂର୍ଯ୍ୟ ପ୍ରତିଭା ପରିଷଦ ପକ୍ଷରୁ କବିସୂର୍ଯ୍ୟଜୟନ୍ତୀ ପ୍ରାକ୍ତନ ବିତ୍ତ ଅଧିକାରୀ ବି. ଚିରଞ୍ଜିବି ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସାହିତ୍ୟ ଆଲୋଚନାରେ ରାମନାଥ ମାଝୀ, ବିପିନ ବିହାରୀ ଶତପଥୀ, ନିରଞ୍ଜନ ମହାପାତ୍ର, ସୁବାସ ଚନ୍ଦ୍ର ତ୍ରିପାଠୀ, ବିଶ୍ୱନାଥ ସ୍ୱାଇଁ, ଭାସ୍କର ରଥ, ଉତ୍ତମ ରଥ, ମହେଶ୍ୱର ଦଳାଇ, ପରମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଆସିକା,୧୪ ।୨(ସମିସ):** ଆସିକା ବ୍ଲକର ବାବନପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବାବନପୁର ସରପଞ୍ଚ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ସୌଦାମିନୀ ନାହାକ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିକାଶ ମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ସେନା କର୍ମଚାରୀ ପଦ୍ମଚରଣ ନାୟକ, ପୂର୍ବତନ ସରପଞ୍ଚ ଅନିଲ ନାହାକ, ଜେଇ ଶ୍ରୀନିବାସ ରାଓ, ଅଙ୍ଗନବାଡି ସୁପରଭାଇଜର ସବିତା ସାହୁ, ଜେଇ ତାରିଣୀ ପ୍ରସାଦ ସାହୁ ଓ ପୂର୍ବତନ ସରପଞ୍ଚ ମଞ୍ଜୁଳା ବାରିକ ମଞ୍ଚାସିନ ଥିଲେ।

● ଉଦ୍ୟାନ ବିଭାଗର ଉଦ୍ୟମ

## ଗଞ୍ଜାମରେ ପ୍ରଥମ ଷ୍ଟ୍ରବେରୀ ଚାଷ



**ସୋରଡା,୧୪ ।୨(ସମିସ):** ଗଞ୍ଜାମ ଜିଲ୍ଲାରେ ପ୍ରଥମେ ଚାଷ କରି ଦେଖାଇଛନ୍ତି ଆଦିବାସୀ ମହିଳା ଗୋଷ୍ଠୀ। ଏହି ଚାଷ ପ୍ରଥମେ କନ୍ଧମାଳ ଜିଲ୍ଲାରେ ଆରମ୍ଭ କରାଯାଇଥିବାବେଳେ ସଂଲଗ୍ନ ଜିଲ୍ଲା ଗଞ୍ଜାମରେ ଚଳିତ ବର୍ଷ ପ୍ରାରମ୍ଭିକ ଭାବେ ଚାଷ କରାଯାଇ ସଫଳ ଭାବେ କରି ଦେଖାଇଛନ୍ତି ସୋରଡା ବ୍ଲକ ଗୋଛା ପଞ୍ଚାୟତର ମାଲୀଫଙ୍କା ଗାଁର ମହିଳା ଗୋଷ୍ଠୀ। ଗାଁର ମା' ସରସ୍ୱତୀ ମହିଳା ଗୋଷ୍ଠୀ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ସମ୍ପୂର୍ଣ୍ଣ ସହାୟତାରେ ଭଞ୍ଜନଗର ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଏସ ରାମା ରାଓଙ୍କ ସହଯୋଗରେ ସୋରଡା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଳକା ବିଶ୍ୱାଳ ଓ ବୈଷୟିକ ଅଧିକାରୀ ଟୁନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ହେକ୍ଟର ଜମିରେ ପ୍ରାୟ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ଏହି ନୂତନ ଚାଷ କରାଯାଇଛି। ଏହି ଚାଷ ସାଧାରଣତଃ ଥଣ୍ଡା ଜଳବାୟୁରେ ଭଲ ହେଉଥିବା ଯୋଗୁଁ ଉଦ୍ୟାନ କୃଷି ବିଭାଗ ଅଧିକାରୀ ମାନେ ଏହି ଗ୍ରାମକୁ ଚୟନ କରିଥିଲେ। କିନ୍ତୁ ବୁଝାସୁଝା କରି ଗ୍ରାମବାସୀଙ୍କ ପ୍ରାୟ ଏକ ହେକ୍ଟର ଜମିରେ ବୁନ୍ଦା ଜଳସେଚନ ବ୍ୟବସ୍ଥା ସହିତ ତାରଜାଲି ବାଡ଼, ପଲିଥିନ ଆଚ୍ଛାଦନ ବ୍ୟବସ୍ଥା ଓ ଜୈବିକ ସାର ଦେଇ ଚାଷ ବ୍ୟବସ୍ଥା କରି ରାସାୟନିକ ସାର ଓ କୀଟନାଶକ ଯୋଗାଇ ସୁଦୂର ମହାରାଷ୍ଟ୍ରରୁ ଚାରା ଯୋଗାଇ କୁଶଳୀ ପ୍ରଶିକ୍ଷିତ ଶ୍ରମିକ ଆଦି ବିଭାଗ ତରଫରୁ ଦେଇ ଏହି ଗ୍ରାମର ଦଶ ଜଣିଆ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମର ଅନେକ ଚାଷୀ ଉଦ୍ୟାନ ଚାଷର ନୂଆ ରାହା ପାଇଛନ୍ତି। ଗତ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ଚାଷ କରି ଦୁଇ ଦୁଇ ଥର ଭଲ ଅମଳ କରି ବଜାର ଚାହିଦା ହେତୁ ବେଶ ଲାଭବାନ ହୋଇଛନ୍ତି। ଏଣୁ ଆଜି ମହିଳା ଗୋଷ୍ଠୀ ସଦସ୍ୟଙ୍କ ସମେତ ଗ୍ରାମବାସୀ ବେଶ ଖୁସି । ଏଣୁ ସରକାରଙ୍କ ଏହି ସଫଳ ଉଦ୍ୟମକୁ ଅଞ୍ଚଳବାସୀ ତଥା ନୂଆ ଯୁବ ଗୋଷ୍ଠୀଙ୍କୁ ବେଶ ପ୍ରେରଣା ଯୋଗାଇବ ବୋଲି ଆଶାବାଦୀ ଅଛନ୍ତି ବୁଦ୍ଧିଜୀବୀ ସମେତ ଜନସାଧାରଣ।

## ପୁଲୱାମା ଶହୀଦଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଭଞ୍ଜନଗର,୧୪ ।୨(ସମିସ):** ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ,ଭଞ୍ଜନଗର ଶାଖା ପକ୍ଷରୁ ପୁଲୱାମା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଭଞ୍ଜନଗର ରକ୍ତକେନ୍ଦ୍ରରେ ଅନୁଷ୍ଠିତ ଏହି ଶିବିରରୁ ମୋଟ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ୬ଜଣ ଦମ୍ପତିଙ୍କ ସମେତ ୧୨ ଜଣ ମହିଳା ରକ୍ତଦାନ କରିଥିଲେ। ଏହାକୁ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ମେଡିକାଲ ଅଧୀକ୍ଷକ ଡା.ସୀତାଂଶୁ ଶେଖର ଶତପଥୀ, ଥାନା ଅଧିକାରୀ କୁମର ମୁଦୁଲି, ପ୍ରାକ୍ତନ ଡା.ବି ପ୍ରଣବାନନ୍ଦ ପାତ୍ର, ବନକର୍ମଚାରୀ ଅନୁପମ ବାନାଜି, ଶୂଳପାଣୀ ଶତପଥୀ, ରୋଟାରିଆନ୍ ରଞ୍ଜିତ ବାରିକ, ପ୍ରଦ୍ୟୁମ୍ନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଶ୍ୱମ୍ବର ଜେନାଙ୍କ ସମେତ ବିପଦର ବନ୍ଧୁ ଅନୁଷ୍ଠାନ ପ୍ରଦୀପ କୁମାର ଜେନା, ଅରକ୍ଷିତ ପରିଚ୍ଛା, ୟୁଜେଏ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଜୟକୃଷ୍ଣ ପଟ୍ଟନାୟକ, ରାଜେଶ ପଣ୍ଡା, ଧନଞ୍ଜୟ ପଟ୍ଟନାୟକ, ପୁରୁଷୋତ୍ତମ ମହାପାତ୍ର, ଉଦୟ ପଣ୍ଡା, ସୌମ୍ୟଜିତ ପ୍ରଧାନ, ନିଲୁ ବିଶୋୟୀଙ୍କ ସମେତ ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ମାଛ ଚାଷ ତାଲିମ କର୍ମଶାଳା



**ଆସିକା,୧୪ ।୨(ସମିସ):** ଆସିକା ବ୍ଲକର ଦେବଭୂମି ପଞ୍ଚାୟତର କର୍ପୁର ନୂଆଗାଁ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଗଞ୍ଜାମ ଜିଲ୍ଲାର ମତ୍ସ୍ୟ ଚାଷୀ ମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଚାଷୀ ଯେପରି ମାଛ ଚାଷ ପ୍ରତି ଅଧିକ ଆକୃଷ୍ଟ ହୋଇ ଆର୍ଥିକ ଉନ୍ନତି ଆଣିବ ସେ ଦିଗରେ ଜୈବପୁଞ୍ଜି ମାଧମରେ ମାଛ ଚାଷ ତାଲିମ ଶିବିର ଆୟୋଜିତ କରାଯାଇଥିଲା। କର୍ପୁର ନୂଆଗାଁର ଯୁବ ଚାଷୀ ଭୀମସେନ ଦଳାଇଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ଏସଓଡି ଫାର୍ମା ସହାୟତାରେ ଅନୁଷ୍ଠିତ ତାଲିମରେ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ମତ୍ସ୍ୟ ଚାଷୀ ମାନଙ୍କୁ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବାକୁ ମାର୍ଗ ଦର୍ଶନ କରିଥିଲେ। ଜିଲ୍ଲାର ଆସିକା, ଶେରଗଡ଼, ଧରାକୋଟ, ବୁଗୁଡ଼ା କୃଷି କାର୍ଯ୍ୟାଳୟର ଅତିରିକ୍ତ ମତ୍ସ୍ୟ ଅଧିକାରୀ ମାନେ ତାଲିମ ପ୍ରଦାନ କରିଥିଲେ।

## ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର

**ବୁଗୁଡ଼ା,୧୪ ।୨(ସମିସ):** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଂସଦ ପକ୍ଷରୁ ଖୋଳଖାଲି ଗ୍ରାମସ୍ଥ କାର୍ଯ୍ୟାଳୟ ପରିସରରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ସାହିତ୍ୟ ଆ ଲୋ ଚ ନା ଚ କ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ କାମରାଜୁ ସାହାଣୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାହିତ୍ୟିକ ଅନନ୍ତ କର ଉଦଘାଟନ କରିଥିବା ବେଳେ ଅଧ୍ୟାପକ ଲୋକନାଥ ମହାନ୍ତି, ଡଃ. ଗୁରୁମୂର୍ତ୍ତି ନାୟକ, ଡଃ. ବ୍ରଜ କିଶୋର ପାଢ଼ୀ, ଅଶୋକ କୁମାର ସ୍ୱାଇଁ, ଶିକ୍ଷାବିତ୍ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ । ଏଥି ସହ ସଙ୍ଗୀତ ବିଶାରଦ ସୁରେନ୍ଦ୍ର ନାଥ ଦାସ, କାଳୁ ଚରଣ ଘଡେଇ, ବିପ୍ର ଚରଣ ସ୍ୱାଇଁ ପ୍ରମୁଖ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲାବେଳେ ମଧୁ ମଙ୍ଗଳ ମହାରଣା ଓ ଧୋବା ଗୌଡ଼ ବାଦ୍ୟଯନ୍ତ୍ର ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପ୍ରଧାନ, ଗନ୍ଧର୍ବ ଗୌଡ଼, ମହେଶ୍ୱର ସ୍ୱାଇଁ, ଭଗବାନ ଗୌଡ଼, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା







**ବୁଗୁଡ଼ା,୧୪ ।୨(ସମିସ)**

ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ପିପୁଲ୍ସ ହାଇସ୍କୁଲ, ବାଲିପଦର କଲେଜ, ଶ୍ରୀବଳଦେବଜୀଉ ମାଧମିକ ଉଚ୍ଚ ବିଦ୍ୟାଳୟ, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ପିପୁଲ୍ସ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବାଗଦେବୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି।

**ଭଞ୍ଜନଗର:** ବୁଧବାର ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ପାଳନ କରାଯାଇଛି। ଏହାକୁ ନେଇ ବିଭିନ୍ନ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଚଳଚଞ୍ଚଳ ହୋଇ ଉଠିଥିଲା। ଦେବୀଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସୁନ୍ଦର ସାଜସଜ୍ଜା, ରଙ୍ଗ ବେରଙ୍ଗର ଅଲୋକମାଳାରେ ପୂଜା ମଣ୍ଡପ ଗୁଡିକ ଝଲସୁଥିଲା। ସକାଳେ ଛାତ୍ରଛାତ୍ରୀମାନେ ନୂତନ ପୋଷାକ ପରିଧାନ କରି ବିଭିନ୍ନ ଭୋଗ ସାମଗ୍ରୀ ନେଇ ମା' ସରସ୍ୱତୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଭଞ୍ଜନଗର ୟୁନିକ ଡ୍ୟାନ୍ସ ଏକାଡେମୀରେ ମଧ୍ୟ ବେଶ ଧୁମଧାମରେ ମାତାଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ମୁଖ୍ୟ ତଥା ସାମ୍ବାଦିକ ଜୟକୃଷ୍ଣ ପଟ୍ଟନାୟକ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ମାଷ୍ଟର ପିଣ୍ଟୁ, ପ୍ରମୋଦ, ଦିଲିପ, ନାଲୁ, ଖୁସି, ପ୍ରିୟା, ହରପ୍ରିୟା ଓ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଡାକଘର, କେଏସୟୁବି କଲେଜ, ସାବିତ୍ରୀ ମହିଳା କଲେଜ, ବିଇଡି କଲେଜ, ୟୁବି ହାଇସ୍କୁଲ, ଦୀନବନ୍ଧୁ ବାଳିକା ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟ ସାଇ ବିଦ୍ୟା ବିହାର, ଦିବ୍ୟ ଶକ୍ତି ସ୍କୁଲ, ତ୍ରିପାଠୀ ଟ୍ୟୁଟୋରିଆଲ, ସାରଦା ଟ୍ୟୁଟୋରିଆଲ ସମେତ ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ପାଳିଛନ୍ତି।

**ରମ୍ଭା:** ବୁଧବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମୁଖ୍ୟ ଫାଟକ ପାଶ୍ୱର୍ରେ ସରସ୍ୱତୀ ବିଗ୍ରହ ପ୍ରତିଷ୍ଠା ଆତଦର୍ଶୀ କ୍ରିୟା ଯୋଗୀ ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରୀ ମହାରାଜାଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି। କର୍ତ୍ତା ରୂପେ ଅମୂଲ୍ୟ କୁମାର ସେନାପତି ଅବସରପ୍ରାପ୍ତ ଯନ୍ତ୍ରୀ ଓ ସହ ଧର୍ମିଣୀ ପଦ୍ମାବତୀ ସେନାପତି ରହିଥିବାବେଳେ ପୁରୋହିତ ହୃଷୀକେଶ ପଣ୍ଡା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ଦେଇଥିଲେ ସମାଜସେବୀ ମହିନ୍ଦ୍ର କୁମାର ସେନାପତି। ଶିକ୍ଷାନୁଷ୍ଠାନର ସଭାଗୃହ ପରିସରରେ ସଭାପତି ଏମ. ନରସିଂହ ସୁବୁଦ୍ଧିଙ୍କ ପୌରୋହିତରେ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ମୂର୍ତ୍ତି ପ୍ରଦାନକାରୀ ବଦାନ୍ୟ ବ୍ୟକ୍ତି ଢେଙ୍କାନାଳ ଜିଲ୍ଲା ଧୀର ପାଟଣା ନିବାସୀ ସୁନୀଲ କୁମାର ସାହୁ, ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ, ସହିତ ସାଧୁ ସନ୍ଥ ଉପସ୍ଥିତ ରହି ଗ୍ରାମବାସୀ, ଅଭିଭାବକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ଅଭିଭାଷଣ ମାଧମରେ ସ୍ୱାମୀ ଶଙ୍କରାଚାର୍ଯ୍ୟ ଗିରୀ ମହାରାଜ ଦେଶରେ ଏକମାତ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଂସ୍କାର, ସଂଳାପ, ଦିଗଦର୍ଶନ ଏପରିକି ବୈଦେଶିକ ଶିକ୍ଷା କେନ୍ଦ୍ର ସମକ୍ଷତା କରିପାରିବେ ନାହିଁ ବୋଲି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ଗୁରୁଜୀ ଗୁରୁମାଙ୍କ ସହିତ ରାମପ୍ରସାଦ ସେନାପତି ପରିଚାଳନା କରିଥିଲେ।

